## ଶ୍ରୀରାମ ନବମୀରେ ବିଶାଳ ପଦଯାତ୍ରା

# ପ୍ରଭୁ ଶ୍ରୀରାମଙ୍କ ଜୟଧ୍ୱନିରେ କମ୍ପିଲା ସହର







- ଶଙ୍ଖଧ୍ୱନୀ, ମୃଦଙ୍ଗ, ଢୋଲ ସାଙ୍ଗକୁ ପାରମ୍ପରିକ ବାଦ୍ୟରେ ନାଚିଲେ ରାମଭକ୍ତ
- ପ୍ରଦର୍ଶିତ ହେଲା ଶ୍ରୀରାମଙ୍କ ବିଭିନ୍ନ ମେଢ଼
- ଶାନ୍ତିଶୃଙ୍ଖଳା ପାଇଁ ୨୦ ପ୍ଲାଟୁନ ଫୋର୍ସ ମୁତୟନ

ବାଲେଶ୍ୱର,୨୭ ।୩(ସମିସ)

ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ଜନ୍ମ ତିଥି ଅବସରରେ ହଜାର ହଜାର ରାମଭକ୍ତଙ୍କ ଗହଣରେ ବାଲେଶ୍ୱର ସହରରେ ଏକ ବିଶାଳ ଶୋଭାଯାତ୍ରା ଅପରାହ୍ନରେ ସ୍ଥାନୀୟ ପରମିଟ ପଡ଼ିଆରୁ ବାହାରି ସହର ପରିକ୍ରମା କରିଥିଲା। ଜୟଶ୍ରୀରାମ ଧ୍ୱନୀ ଏବଂ ବାଦ୍ୟ ନୃତ୍ୟର ତାଳେ ତାଳେ ସମଗ୍ର ବାଲେଶ୍ୱର ସହର ରାମମୟ ହୋଇ ଉଠିଥିଲା। ଶଙ୍ଖଧ୍ୱନି, ମୃଦଙ୍ଗ, ଢୋଲ ସାଙ୍ଗକୁ ବିଭିନ୍ନ ପାରମ୍ପରିକ ବାଦ୍ୟରେ ଫାଟି ପଡୁଥିଲା ସହର। ଜୟ ଶ୍ରୀରାମ ଧ୍ୱନିରେ କମ୍ପି ଉଠିଥିଲା ସାରା ସହର। ପବିତ୍ର ରାମନବମୀକୁ ବାଲେଶ୍ୱରର ସମସ୍ତ ହିନ୍ଦୁ ଧର୍ମାଲବମ୍ବୀ ଭାଇ-ଭଉଣୀମାନେ ଆନନ୍ଦ ଉଲ୍ଲାସରେ ପାଳନ କରିଥିଲେ। ସହରର ପରମିଟ ପଡ଼ିଆରେ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କୁ ପୂଜାପାଠ ଓ ସାମୂହିକ ହନୁମାନ ଚାଳିଶା ପାଠ ପରେ ଆରମ୍ଭ ହୋଇଥିଲା ଶୋଭାଯାତ୍ରା। ଏହି ପଦଯାତ୍ରା ପରମିଟ ପଡିଆ ଠାରୁ ବାହାରି ଜିଲ୍ଲା ସ୍କୁଲ, ଷ୍ଟେସନ ଛକ, ଫାଣ୍ଡି ଛକ, ଚିଡ଼ିଆପୋଲ, ମାଣିଖମ୍ବ, ମିର୍ଜାପୋଖରୀ, ପରମିଟଘାଟ, ପୁରୁଣା ବାଲେଶ୍ୱର, ଗବଗାଁ, ପାତ୍ରପଡା, ବଙ୍କାଖଜୁରୀ ଛକ, ଗୋପାଳଗାଁ, ଟାଉନହଲ, ସୁଏଲପୁର, ମଣ୍ଡଳ ବଜାର,ବାରବାଟୀ, ଦାମୋଦରପୁର, ଗଳାପୋଖରୀ, ଟାଉନ ଥାନା, ସିନେମା ଛକ ହୋଇ ପୁନରବାର ପରମିଟ ପଡିଆରେ ପହଞ୍ଚିଥିଲା।

ପଦଯାତ୍ରା ସମୟରେ ବିଶେଷ ଆକର୍ଷଣ ଭାବେ ଶ୍ରୀରାମ ଝାଙ୍କି, ପାରମ୍ପରିକ ବାଦ୍ୟଯନ୍ତ୍ର ପ୍ରଦର୍ଶନ, ମୟୂରଭଞ୍ଜ ନୃତ୍ୟ, ପିଲାମାନଙ୍କ ଦ୍ୱାରା ବେଶଭୂଷା ସମେତ ୨୦ରୁ ଅଧିକ ଗାଁରୁ ମେଢ଼ ଏହି ପଦଯାତ୍ରାରେ ସାମିଲ ହୋଇଥିଲା। ବାଲେଶ୍ୱର ସହର ସମେତ ଜିଲ୍ଲାର ବିଭିନ୍ନ ଅଂଚଳରୁ ପ୍ରାୟ ୫୦ହଜାର ରାମଭକ୍ତ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ବିଶେଷ କରି ଏହି ଶୋଭାଯାତ୍ରା ମଧ୍ୟରେ ଶ୍ରୀ ହନୁମାନ ସହ ଅଘୋରୀ ନୃତ୍ୟ ବେଶ ରୋମାଞ୍ଚକ ଥିଲା। ସହର ରାସ୍ତାରେ ଏହି ଶୋଭାଯାତ୍ରା ଯାଉଥିବା ବେଳେ ବିଭିନ୍ନ ପାରମ୍ପରିକ ଦଳ ବାଦ୍ୟ ନୃତ୍ୟ ପ୍ରଦର୍ଶନ କରିଥିଲେ। ଛୋଟ ଛୋଟ ପିଲାମାନେ ବେଦମନ୍ତ୍ର ପାଠ କରୁଥିବା ବେଳେ ବିଭିନ୍ନ ବେଶ ପୋଷାକରେ ଯୁବକମାନେ ଖେଳ ପ୍ରଦର୍ଶନ କରିଥିଲେ। ରାମନାମ ଉଚ୍ଚାରଣ ସାଙ୍ଗକୁ ଘଂଟଘଂଟା ମୃଦଙ୍ଗ,ଢୋଲ ଶବ୍ଦରେ ପ୍ରକମ୍ପିତ ହୋଇଥିଲା ସହରର ରାସ୍ତାଘାଟ। ଏହି ଅପୂର୍ବ ଶୋଭାଯାତ୍ରାରେ ଦଳମତ ନିର୍ବିଶେଷରେ ବିଭିନ୍ନ ରାଜନୈତିକ ଦଳର ନେତା ଏବଂ ଚଳିତ ନିର୍ବାଚନର ପ୍ରାର୍ଥୀମାନେ ସାମିଲ ହୋଇଥିବାର ଦେଖିବାକୁ ମିଳିଥିଲା। ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହିତ ଭାଇଚାରାର ସହରରେ ବାଲେଶ୍ୱରରେ ଶ୍ରୀରାମନବମୀ ଉତ୍ସବକୁ ଧୁମଧାମରେ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯାଇଛି। ତେବେ ଶୋଭାଯାତ୍ରାରେ ଯାଉଥିବା ଆବାଳ ବୃଦ୍ଧ ବନିତାଙ୍କ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ରାସ୍ତାର ଛକ ଛକମାନଙ୍କରେ ଥଣ୍ଡାପାନୀୟ ଓ ଜଳଯୋଗ ବ୍ୟବସ୍ଥା କରାଯାଇଥିଲା। ଗ୍ରୀଷ୍ମଉତାପ ସହ ପ୍ରବଳ ଜନସମାଗମ ହୋଇଥିଲା। ଟ୍ରାଫିକ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ନିଜେ ଉପସ୍ଥିତ ରହି ବିଭିନ୍ନ ସ୍ଥାନମାନଙ୍କରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ବିଭିନ୍ନ ଥାନାର ଅଧିକାରୀମାନେ ଏକାଧିକ ମୋବାଇଲ ଗାଡ଼ି ବ୍ୟବହାର କରି ପରିସ୍ଥିତି ଅନୁଧ୍ୟାନ କରିବା ସହ ମୋଟ ୨୦ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।ଭକ





## ସମ୍ବେଦନଶୀଳ ସ୍ଥାନରେ ଚଢ଼ଉ

ଜଳେଶ୍ୱର,୨୭।୩(ସମିସ): ରାମନବମୀ ଶୋଭାଯାତ୍ରା ପୂର୍ବରୁ ସହରର ସମ୍ବେଦନଶୀଳ ସ୍ଥାନ ଗୁଡିକରେ ପୁଲିସ ପ୍ରଶାସନ ଓ ପୌରପାଳିକା ତରଫରୁ ନଜର ରଖାଯିବା ସହିତ ଆମିଷ ବଜାର ଉପରେ ଚଢ଼ଉ କରାଯାଇଥିଲା। ଗତ ଶାନ୍ତି କମିଟି ବୈଠକରେ ଆଲୋଚନା ଅନୁଯାୟୀ ରାମନବମୀ ଦିବସରେ ଆମିଷ ବଜାର ବନ୍ଦ ରଖିବା ସହିତ ରାସ୍ତା କଡ଼ରେ ଆମିଷ ଜିନିଷ ପ୍ରସ୍ତୁତି ଓ ବିକ୍ରି ବନ୍ଦ ରଖିବାକୁ ନିଷ୍ପତି ହୋଇଥିଲା। ଏନେଇ ପୌର ପରିଷଦ ପକ୍ଷରୁ ପଦକ୍ଷେପ ନିଆଯାଇଥିବାର ଦେଖିବାକୁ ମିଳିଥିଲା। ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ଓ ଆଇଆଇସି ଅଶୋକ କୁମାର ବାରିକ ମିଳିତ ଭାବେ ବିଭିନ୍ନ ଆମିଷ ବଜାର ଓ ସମ୍ବେଦନଶୀଳ ସ୍ଥାନ ଗୁଡ଼ିକରେ ଚଢ଼ଉ କରିଥିଲେ।

## ଭୋଗରାଇର ବିଭିନ୍ନ ସ୍ଥାନରେ ମା’ ବାସନ୍ତୀ ଦୁର୍ଗାପୂଜା



ଚନ୍ଦନେଶ୍ୱର,୨୭।୩(ସମିସ): ଭୋଗରାଇର ବିଭିନ୍ନ ସ୍ଥାନରେ ବାସନ୍ତି ଦୁର୍ଗାଦେବୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ସାହରିଆ ହରପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ବାସନ୍ତୀ ମାତାଙ୍କ ପୂଜାର୍ଚ୍ଚନାକୁ ଏଥର ୫୬ ବର୍ଷ ପୂରିଛି। ଶୁକ୍ରବାର ରାମ ନବମୀ ପାଇଁ ସ୍ଥାନୀୟ ଅଞ୍ଚଳର ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ବ୍ରତଧାରୀଙ୍କ ସମାଗମ ହୋଇଥିଲା। ସେହିଭଳି ବାରବାଟିଆ ପଞ୍ଚାୟତ ଅଧୀନ ଆକନ୍ଦି, ଶ୍ରଦ୍ଧାପୁର ହାଟ ପଡିଆରେ ମା’ଙ୍କ ପୂଜାର୍ଚ୍ଚନା ଧୁମ୍‌ଧାମରେ ପାଳିତ ହୋଇଛି। ସୋହରିଆରେ ଅନୁଷ୍ଠିତ ପୂଜାରେ ପ୍ରତିଦିନ ସନ୍ଧ୍ୟାରେ ବିଦ୍ୟାଳୟ ପିଲାଙ୍କୁ ନେଇ ନୃତ୍ୟ, ସଂଗୀତ ପ୍ରତିଯୋଗିତା, ସମ୍ବର୍ଦ୍ଧନା ଓ ଓଡିଆ ଧାରାବାହିକର ନାୟକ, ନାୟିକାଙ୍କ ମେଲୋଡି କାର୍ଯ୍ୟକ୍ରମ ରହିଛି। ପାଖାପାଖି ୧୦ରୁ ଅଧିକ ଗାଁର ଲୋକେ ଏଥିରେ ସହଯୋଗ କରିଥାନ୍ତି। ପୂଜା କମିଟିର ସଭାପତି ସୁବାସ ଚନ୍ଦ୍ର ଦେ, ସମ୍ପାଦକ ମନୋଜ ମଣ୍ଡଳ, କୋଷାଧକ୍ଷ ବିଜୟ କୁମାର ମଣ୍ଡଳ, ସ୍ଥାନୀୟ ସରପଞ୍ଚ ଜଗନ୍ନାଥ ସେଠୀ, ସର୍ବେଶ୍ୱର ପ୍ରଧାନ, ମନୋଜ କୁମାର ଦାସ, ଗୋପାଳ ଚନ୍ଦ୍ର ମହାନ୍ତି, ସୁକୁମାର ଦାସ, ସତ୍ୟ ରଞ୍ଜନ ତ୍ରିପାଠୀ ପ୍ରମୁଖ ପୂଜା ପରିଚାଳନାରେ ସହଯୋଗ କରିଥିଲେ। ସେହିଭଳି ସ୍ୱର୍ଗତ ଶ୍ରୀନିବାସ ପାତ୍ର ଏବଂ ଧନଞ୍ଜୟ ପାତ୍ରଙ୍କ ସ୍ମୃତି ରକ୍ଷା ଲାଗି ଆକନ୍ଦିରେ ଦୀର୍ଘ ୨୧ବର୍ଷ ହେଲା ମା’ଙ୍କ ପୂଜାର୍ଜନ ହୋଇ ଆସୁଛି। ସଭାପତି ଜଳନ୍ଧର ସାହୁ, ସମ୍ପାଦକ ରାଧାପଦ ସାହୁ, ଅଧ୍ୟାପକ ରମେଶ ପାତ୍ର, ନରହରି ପ୍ରଧାନ,ରାଧାକୃଷ୍ଣ ମହାପାତ୍ର ପ୍ରମୁଖ ସହଯୋଗ କରି ଆସୁଛନ୍ତି। ସେହିଭଳି ଶ୍ରଦ୍ଧାପୁର ହାଟ ପଡିଆରେ ଅନୁଷ୍ଠିତ ବାସନ୍ତୀ ମାତାଙ୍କ ପୂଜାର୍ଚ୍ଚନାକୁ ୧୯ ବର୍ଷ ପୂରିଛି। ପୂଜା କମିଟିର ସଭାପତି ଅରବିନ୍ଦ ଦାସ, ଶିକ୍ଷାବିତ ପ୍ରଫୁଲ୍ଲ ପାତ୍ର, ରାଜୀବ ପ୍ରଧାନ, ଅମର ଦାସ, ବନମାଳୀ ସୁର, ଶକ୍ତିପଦ ମହାନ୍ତି, ବଙ୍କିମ ସୁର, ପବିତ୍ର ସୁର ପ୍ରମୁଖ ସହଯୋଗ କରିଆସୁଛନ୍ତି।

## କାମାକ୍ଷା ବଜରଙ୍ଗୀ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ରାଜଘାଟ,୨୭।୩(ସମିସ): ବସ୍ତା ବ୍ଲକ ଭେଲୋରା ଗ୍ରାମ ତାରିଣୀ ଛକ ନିକଟରେ ପବିତ୍ର ରାମନବମୀ ଅବସରରେ ନବନିର୍ମିତ ହନୁମାନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହିଳାମାନେ ବିରାଟ ପଟୁଆରରେ ଭୋରରୁ ସୁବର୍ଣ୍ଣରେଖାର ବେଣାପୁରା ଘାଟରୁ ଜଳ କଳସ ଧରି ଶୋଭାଯାତ୍ରା ଆସିଥିଲେ। କାମାକ୍ଷା ବଜରଙ୍ଗୀଙ୍କ ନୂତନ ବିଗ୍ରହ ସ୍ଥାପନା ସହ ହୋମଯଜ୍ଞ, ନାମ ସଂକୀର୍ତ୍ତନ ଓ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। କାମାକ୍ଷା ବଜରଙ୍ଗୀ ବଂଶୀଧର ଘୋଷଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ପ୍ରତିଷ୍ଠା ଉତ୍ସବ ପରିଚାଳନାରେ ଗୌରାଙ୍ଗ ଦାସ, ରଞ୍ଜିତା ଦାସ, ଅଚ୍ୟୁତ ଗୋତ୍ର, ସୁଦୀପ୍ତ କିଶୋର ପତି, ଓମ୍ ପ୍ରକାଶ ଦାସ, ଜୟ ପ୍ରକାଶ ଦାସ ଓ ତପୁ ନାଥଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ କରିଥିଲେ।

● ସୋରରେ ରାମ ନବମୀ ମହୋତ୍ସବ

## ଶ୍ରୀରାମ ସେନା ପକ୍ଷରୁ ବିଶାଳ ଶୋଭାଯାତ୍ରା



ସୋର,୨୭।୩(ସମିସ): ପବିତ୍ର ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ଗତ ୧୮ ବର୍ଷ ଧରି ସୋରରେ ଶ୍ରୀରାମ ସେନା ତରଫରୁ ରାଷ୍ଟ୍ରୀୟ ନବବର୍ଷ ଚୈତ୍ର ଶୁକ୍ଳ ପ୍ରତିପଦା ଠାରୁ ଆରମ୍ଭ ହୋଇ ଆଜି ଶ୍ରୀରାମ ନବମୀରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆଜି ପୂର୍ବାହ୍ନ ୧୧ଟାରେ ଗୋପୀନାଥପୁର ଷ୍ଟ୍ରକ୍‌ଚର ପଡ଼ିଆଠାରୁ ଶ୍ରୀରାମ ଲାଲାଙ୍କ ସମେତ ବିଭିନ୍ନ ଦେବଦେବୀଙ୍କ ୧୯ ଟି ସୁସଜ୍ଜିତ ମେଢ଼ ସହିତ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ବାମ୍ପିଛକ, କସିପୋଲ, ଛତ୍ରପୁର ଛକ, ଅଡ଼ଙ୍ଗ ବଜାର, ଅନନ୍ତପୁର ଛକ ଦେଇ ରାଇପୁର ହନୁମାନ ମନ୍ଦିର ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଏହି ୧୦ଘଣ୍ଟିଆ ଶୋଭାଯାତ୍ରାରେ ୧୦ହଜାରରୁ ଅଧିକ ପୁରୁଷ ମହିଳା ଶ୍ରଦ୍ଧାଳୁ ଯୋଗଦେଇ ଗୀତ, ବାଦ୍ୟ ନୃତ୍ୟର ତାଳେତାଳେ ଶ୍ରୀରାମଙ୍କ ଗାଥା ଗାନ କରିବାର ଅପୂର୍ବ ଦୃଶ୍ୟ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ସୋର ବିଧାୟକ ମାଧବ ଧଡ଼ା, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ବିଧାୟକ ପର୍ଶୁରାମ ଧଡ଼ା, ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଏହି କାର୍ଯ୍ୟକମକୁ ଶ୍ରୀରାମ ସେନାର ସଭାପତି ପ୍ରହ୍ଲାଦ ସାହୁ, ସମ୍ପାଦକ ମନିଷ ଗୁପ୍ତା, ମନୋରଂଜନ ଧଡ଼ା, ବିଷ୍ଣୁ ଚରଣ ପଣ୍ଡା, କାହ୍ନୁ ଚରଣ ବେହେରା, ସୁଶୀଲ ଝୁନଝୁନୱାଲା, ଅଭିଷେକ ଗୁପ୍ତା,ସଂଗ୍ରାମ କେଶରୀ ମହାନ୍ତି, ଆଲୋକ ମହାନ୍ତି, ଗୁଗୁ ଦାସ, ଅଭିଷେକ ଅଗ୍ରୱାଲ, ନରେଶ ସି, ଦୀନବନ୍ଧୁ ଦାସ, କାହ୍ନୁ କର, ଲକ୍ଷ୍ମୀଧର ମହାକୁଡ଼, ଦିଗନ୍ତ ସାହୁ, ଆହପ୍ରକାଶ ମସ୍କରା, ରମାକାନ୍ତ ପଣ୍ଡା, ମୃତ୍ୟୁଞ୍ଜୟ ମହାପାତ୍ର ଓ ସୁଶାନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର, ଅନନ୍ତପୁର ଥାନାଧିକାରୀ ସରୋଜ କୁମାର ଦାସ, ଖଇରା ଥାନାଧିକାରୀ ଜୟନ୍ତ ପଟ୍ଟନାୟକ, ଔପଦା ଥାନାଧିକାରୀ ପ୍ରମୋଦ ଦାସଙ୍କ ସମେତ ସୋର ଥାନା ଏସ୍‌ଆଇ ସାଧୁସିଂଙ୍କ ସମେତ ଅନ୍ୟ ଥାନା ଅଧିକାରୀ ଏବଂ ୩ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।

## ‘ଜୟ ଶ୍ରୀରାମ’ ଧ୍ୱନିରେ କମ୍ପିଲା ସିମୁଳିଆ, ଖଇରା ଓ ସୁଣ୍ଢିରା ଅଞ୍ଚଳ



ଖଇରା,୨୭।୩(ସମିସ): ଖଇରା ବ୍ଲକର ପୁରପଲ୍ଲୀରେ ଅନୁଷ୍ଠିତ ହୋଇ ଯାଇଛି ରାମ ନବମୀ। ଆର୍‌ଏସ୍‌ଏସ୍ ଓ ବିଶ୍ୱହିନ୍ଦୁ ପରିଷଦ ମିଳିତ ଆନୁକୂଲରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ରାମରଥ କୋଚିଆକୋଇଲିରୁ ବାହାରି ନୟାଖଣ୍ଡି ସୁନ୍ଦରପୁର, ନୂଆଗାଁ, ତ୍ରିଶଳପୁର, ଗଡପୋଖରୀ ଦେଇ ସିମୁଳିଆସ୍ଥିତ ପଞ୍ଚବଟୀ ମନ୍ଦିରରେ ପହଞ୍ଚିଥିଲା। ରାସ୍ତାର ସଂଲଗ୍ନ ସମସ୍ତ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଡା. ବ୍ରଜସୁନ୍ଦର ସ୍ୱାଇଁଙ୍କ ପୌରହିତ୍ୟରେ ଆୟୋଜିତ ଆଧ୍ୟାତ୍ମିକ ଆଲୋଚନାରେ ରାମଚନ୍ଦ୍ର ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, କୈଳାସ ଚନ୍ଦ୍ର ପୃଷ୍ଟି ତଥା ଆରଏସଏସ ଓ ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା ଯୋଗଦେଇ ଶ୍ରୀରାମଙ୍କ କଥା ବଖାଣିଥିଲେ। ବିଧାୟକ ପଦ୍ମଲୋଚନ ପଣ୍ଡା ଓ ଯୁବନେତା ନୀଳମାଧବ ପଣ୍ଡାଙ୍କ ନେତୃତ୍ୱରେ ଏକ ବାଇକ ରାଲି ତୁଡିଗଡିଆ ବଜାରରୁ ବାହାରି ଗଣ୍ଡିବେଡ,ତୁଡିଗଡିଆ ବଜାର ଦେଇ କୁପାରୀ ଅମ୍ବିକା ମନ୍ଦିର ନିକଟରେ ପହଞ୍ଚିଥିଲା। ସେହିଭଳି ବଜରଙ୍ଗ ଦଳ ପକ୍ଷରୁ ଖଇରା ହନୁମାନ ମନ୍ଦିର ପରିସରରେ ପୂଜାର୍ଚ୍ଚନା ପରେ ୨ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ସୁଣ୍ଢିରାସ୍ଥିତ ହନୁମାନ ମନ୍ଦିର ପ୍ରତିଷ୍ଠାର ୧୮ତମ ବାର୍ଷିକୋତ୍ସବ ଉତ୍ସବରେ ବହୁ ରାମଭକ୍ତଙ୍କ ଦ୍ୱାରା କଳସ ଅଣାଯାଇଥିଲା। ନିରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାମନବମୀ ପାଳିତ ହୋଇଯାଇଥିବା ବେଳେ ଶଙ୍କର୍ଷଣ ରାୟ, ଶିଶିର କୁମାର ନାୟକ, ପର୍ଶୁରାମ ବେହେରା, ରତ୍ନାକର ବେହେରା, ତପନ କୁମାର ବେହେରା ,ଜ୍ୟୋତିରଞ୍ଜନ ବେହେରା ଓ ମନୋରଞ୍ଜନ ଚଣ୍ଡ ପ୍ରମୁଖ ସହଯୋଗ କରିଥିଲେ। ସନ୍ଧ୍ୟାରେ ସସ୍ମିତା ରାଉତଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା।

## ବଡ଼ଦାଣ୍ଡରେ ବିଶାଳ ଶୋଭାଯାତ୍ରା



ନୀଳଗିରି,୨୭।୩(ସମିସ): ନୀଳଗିରି ଶ୍ରୀରାମ ସେନା ପକ୍ଷରୁ ନୀଳଗିରି ବଡ଼ଦାଣ୍ଡରେ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ୬ଟାରେ ଜଗନ୍ନାଥ ମନ୍ଦିରଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ନୀଳଗିରି ବସ୍‌ଷ୍ଟାଣ୍ଡଠାରେ ପହଞ୍ଚିଥିଲେ। ପରେ ବସ୍‌ଷ୍ଟାଣ୍ଡଠାରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଉତ୍ତରପ୍ରଦେଶରୁ ବାହୁବଳୀ ହନୁମାନ ଆଜିର ବିଶେଷ ଆକର୍ଷଣ ଥିବାବେଳେ ଏକ ରଥରେ ରାମ, ସୀତା ଓ ଲକ୍ଷ୍ମଣ ବେଶରେ ସୁସଜ୍ଜିତ ହୋଇ ଧନୁ,ତୀର ଧରି ତିନି ବାଳିକା ଅଭିନୟ କରିଥିଲେ। ଆଗରେ ନୃତ୍ୟ, ଗୀତ ସହିତ ଜୟ ଶ୍ରୀରାମ ଧ୍ୱନୀରେ ନୀଳଗିରି ସହର ପ୍ରକମ୍ପିତ ହୋଇଥିଲା। ଏଥିସହିତ ରାମ ସେନା ଭାବେ ହନୁମାନ, ଜାମ୍ବବାନ, ବାନର ସେନା ଉପସ୍ଥିତ ଥିଲେ। ଏହି ଶୋଭାଯାତ୍ରାରେ ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଔପଦା ବ୍ଲକ ଦୁଇ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟା ଉଷାରାଣୀ ରାଉଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ଆଚାର୍ଯ୍ୟ, ମନୋରଞ୍ଜନ ବେହେରା, ସରସ୍ୱତୀ ନନ୍ଦ ପ୍ରମୁଖ ଯାତ୍ରାରେ ସାମିଲ ହୋଇଥିଲେ।

## ଶ୍ରୀରାମ ସେନା ପକ୍ଷରୁ ରାମନବମୀ



ଜଳେଶ୍ୱର,୨୭।୩(ସମିସ): ଜଳେଶ୍ୱର ଶ୍ରୀରାମ ସେନା, ବଜରଙ୍ଗ ଦଳ, ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ରାମ ନବମୀ ପାଳିତ ହୋଇଛି। ଜୟ ଶ୍ରୀରାମ ନାରାରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ଜଳେଶ୍ୱରର ବିଭିନ୍ନ ଗ୍ରାମାଞ୍ଚଳରୁ ରାମଭକ୍ତ ସନାତନୀମାନେ ଯୋଗଦେଇ ବିଶାଳ ଶୋଭାଯାତ୍ରରେ ସହର ପରିକ୍ରମା କରିଥିଲେ। ସାରା ସହର ଗୈରିକ ପତାକା ମୟ ହୋଇଯାଇଥିଲା। ଅପରାହ୍ନ ୪ଟାରେ ଜଳେଶ୍ୱର ସହରର ଝାଡ଼େଶ୍ୱରପୁର ଛକ ନିକଟରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଷ୍ଟେସନ ବଜାର ହୋଇ ପୁରୁଣିଆ ବଜାର ବାସନ୍ତୀପଡିଆ ନିକଟ ମା’ ମଙ୍ଗଳା ମନ୍ଦିର ନିକଟରେ ସମାପନ ହୋଇଥିଲା। ଏହି ଶୋଭାଯାତ୍ରାରେ ସୁସଜ୍ଜିତ ରଥରେ ରାମଲାଲାଙ୍କ ଫଟୋଚିତ୍ର ଓ ରାମସୀତାଙ୍କ ଝାଙ୍କି ସହିତ ହନୁମାନ ବେଶଧାରୀମାନଙ୍କୁ ରାସ୍ତାର ଲୋକମାନେ ସ୍ୱାଗତ ଓ ବନ୍ଦାପନା କରିଥିଲେ। ଶୋଭାଯାତ୍ରରେ ରାମସେନା ସଭାପତି ପୱନ କୁମାର ସାହୁ, ସମ୍ପାଦକ ଅଜୟ କୁମାର ଦାସ, କୋଷାଧକ୍ଷ ସୁମିତ କୁମାର ରାଠୀଙ୍କ ସହିତ ସମୀର ପାତ୍ର, ତପନ ବିଶ୍ୱାଳ, ସମର କରଣ, ଖୋକନ ଘୋଷ, ଗଣେଶ ଭଞ୍ଜ, ମୁକ୍ତାରାଣୀ ପାଳ, ସୁମତୀ ରଣା, ଗୀତାଞ୍ଜଳୀ ବେହେରା, ମାଳତୀ ଲତା ଦତ୍ତ, ନମିତା ଦାସ, ମଂଜୁଲତା ଘୋଷ, ସୁଭଦ୍ରା ବେହେରା ପ୍ରମୁଖଙ୍କ ସହିତ ବିଜେପି ରାଜ୍ୟ ମହିଳା ନେତ୍ରୀ ସିପ୍ରା ବାଜପେୟୀ ଯୋଗ ଦେଇଥିଲେ। ଶୋଭାଯାତ୍ରା ସମୟରେ ହଜାର ହଜାର ଭକ୍ତଙ୍କୁ ରାସ୍ତା କଡରେ ବିଭିନ୍ନ ମୁସଲିମ ଓ ହିନ୍ଦୁ ସଂଗଠନ ତରଫରୁ ଥଣ୍ଡା ପାନୀୟ ଜଳ ଯୋଗାଇ ଦିଆଯାଇଥିଲା। ଝାଡେଶ୍ୱରପୁର ବୋଖାରୀବାବା ଅର୍ଡର ସପ୍ଲାୟାରର ମୁଖ୍ୟ ସେକ ସାଜନ ଶ୍ରୀରାମ ଭକ୍ତମାନଙ୍କ ଉପରେ ପୁଷ୍ପବୃଷ୍ଟି କରିବା ସହିତ ଥଣ୍ଡା ପାନୀୟ ପ୍ରଦାନ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜଳେଶ୍ୱର ପୁଲିସ ପ୍ରଶାସନ ପକ୍ଷରୁ ୧ପ୍ଲାଟୁନ ଫୋର୍ସ ସହିତ ଏସଡିପିଓ ସୁବ୍ରତ କୁମାର ବେହେରା, ଆଇଆଇସି ଅଶୋକ କୁମାର ବାରିଙ୍କ ନେତୃତ୍ୱରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## କୁଲଡ଼ିହା ରେଞ୍ଜରଙ୍କୁ ଗିରଫ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ନୀଳଗିରି,,୨୭।୩(ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡରେ ଅବସ୍ଥିତ କୁଲଡିହା ରେଞ୍ଜର ତଥା ଏସିଏଫ ସୁବ୍ରତ କୁମାର ବେହେରା ଗାଡ଼ି ଓଭରଟେକ ନେଇ ରେଞ୍ଜର ଓ ବନ କର୍ମଚାରୀ ଯୁବକଙ୍କୁ ନିସ୍ତୁକ ବାଡେଇବା ଘଟଣାକୁ ନିନ୍ଦା କରିବା ସହିତ ଆଜି ଏକ ପ୍ରେସ ଇସ୍ତାହାରରେ କୁଲଡିହା ରେଞ୍ଜରଙ୍କ ଗିରଫ ଓ ବହିଷ୍କାର ଦାବି କରିଛନ୍ତି ନୀଳଗିରି ପୂର୍ବତନ ବିଧାୟକ ଚିତ୍ତ ରଞ୍ଜନ ଷଡ଼ଙ୍ଗୀ। ଏନେଇ ଶ୍ରୀଯୁକ୍ତ ଷଡ଼ଙ୍ଗୀ ମୁଖ୍ୟଶାସନ ସଚିବ, ଜଙ୍ଗଲ ବିଭାଗ ଶାସନ ସଚିବ, ପିସିସିଏଫ, ଆରସିସିଏଫ, ବାଲେଶ୍ୱର ଜିଲ୍ଲାପାଳ, ଡ଼ିଏଫଓଙ୍କ ଅବଗତି ନିମନ୍ତେ ପତ୍ର ଦ୍ୱାରା ଦୃଷ୍ଟି ଆକର୍ଷଣ କରିଛନ୍ତି।

ସୂଚନା ଯୋଗ୍ୟ ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡଭାରପ୍ରାପ୍ତ କୁଲଡିହା ରେଞ୍ଜର ତଥା ଏସିଏଫ ସୁବ୍ରତ କୁମାର ବେହେରା ଓ ପାଖାପାଖି ୨୦/୨୫ଜଣ ବନ କର୍ମଚାରୀ ଗତ ୨୫ତାରିଖ ବିଳମ୍ବିତ ରାତିରେ କୁଲଡିହା ଜଙ୍ଗଲରୁ ଏକ ଘଟଣାର ତଦନ୍ତ କରି ଫେରୁଥିଲେ। ଠିକ ସେହି ସମୟରେ ନୀଳଗିରି ବ୍ଲକ ଆରବନ୍ଧ ପଞ୍ଚାୟତ ଉପରଡିହା ଗ୍ରାମର ସ୍ୱର୍ଗତ ନୁନୁ ପାତ୍ରଙ୍କ ପୁତ୍ର ପଦ୍ମଲୋଚନ ପାତ୍ର(୩୬) ଯିଏକି କୁରୁଡ଼ା ଡ଼ିଏଫଓଙ୍କ ଅଫିସରେ କାର୍ଯ୍ୟରତ ଫରେଷ୍ଟ ଗାର୍ଡ ଏବଂ ଉକ୍ତ ପଞ୍ଚାୟତ ଶାଳଡ଼ହର ଗ୍ରାମର ମହେନ୍ଦ୍ର ପ୍ରସାଦ ଦାସଙ୍କ ପୁତ୍ର କ୍ଷୀରୋଦ ପ୍ରସାଦ ଦାସ (୩୧) ଯିଏକି ଟାଟା ପାୱାର କମ୍ପାନୀ ନୀଳଗିରି କାର୍ଯ୍ୟାଳୟରେ କର୍ମଚାରୀ ଭାବେ କାର୍ଯ୍ୟରତ ଅଛନ୍ତି। ଉଭୟ ଏକ ବଲେରୋ ଗାଡ଼ିରେ ମୟୂରଭଞ୍ଜ ଜିଲ୍ଲା ଝିଙ୍କପଦା ଶନିମନ୍ଦିର

### ଗାଡ଼ି ଓଭରଟେକ୍‌କୁ ନେଇ ମାଡ଼ ଘଟଣା

ପ୍ରତିଷ୍ଠାରେ ଯୋଗଦେବା ପାଇଁ ବୁଝିବାକୁ ଯାଇ ଫେରୁଥିବା ବେଳେ ୨୧୯ ରାଜ୍ୟ ରାଜପଥ କଳାକାଦ ଛକରେ ଭାରପ୍ରାପ୍ତ ରେଞ୍ଜରଙ୍କ ଗାଡିକୁ ଓଭର ଟେକ କରିଥିଲେ। ଏଥିରେ ଭାରପ୍ରାପ୍ତରେଞ୍ଜର ରାଗି ଗରଡ଼ିହି ଛକରେ ଭାରପ୍ରାପ୍ତ ରେଞ୍ଜର ସରକାରୀ ଥର ଗାଡିକୁ ଅଡ଼ା ପକାଇ ପଦ୍ମଲୋଚନଙ୍କୁ ଅଟକାଇ ଥିଲେ। ହଠାତ ରେଞ୍ଜର ଗାଡିରୁ ଓହ୍ଲାଇ ୨ଯୁବକଙ୍କୁ ଗାଳି ଦେବାରୁ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଭାରପ୍ରାପ୍ତ ରେଞ୍ଜର ଶ୍ରୀ ବେହେରା ରାଗି ପଦ୍ମଲୋଚନଙ୍କୁ ଠେଙ୍ଗାରେ ପିଟିବା ସହିତ ଅନ୍ୟ ବନକର୍ମଚାରୀ ମାନେ ବନ୍ଧୁକ, ଲୁହା ରଡ଼ରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏହି ସମୟରେ ଗାଡିରେ ଥିବା ବନ୍ଧୁ ତଥା ଟାଟା କର୍ମଚାରୀ କ୍ଷୀରୋଦ ପ୍ରତିବାଦ କରିବାରୁ ସେ ବି ଆକ୍ରମଣରୁ ବାଦ ପଡ଼ିନଥିଲେ।

# ଚାନ୍ଦବାଲିରେ ଦାଦନ ଦୁଃଖ; ମାସକ ପରେ ଦୁବାଇରୁ ଫେରିଲା ମୃତଦେହ

ଭଦ୍ରକ,୨୭ ।୩(ସମିସ)



ଦାଦନ ଖଟିବାକୁ ଦୁବାଇ ଯାଇଥିଲେ। କାମ କରି ଟଙ୍କା ଆଣିଲେ ଘରର ଛାତ ପଡିବ ବୋଲି କହିଯାଇଥିଲେ। ହେଲେ ଶବ ହୋଇ ଫେରିଲେ ଗାଁ କୁ । ପାଖାପାଖି ବର୍ଷେ ହେବ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକଉତୁକୁଡା ଗାଁ ର ବୀରଭଦ୍ର ନାୟକ ଦାଦନ ଖଟିବାକୁ ଦୁବାଇ ଯାଇଥିଲେ। ସେଠାରେ ସେ ଏକ କମ୍ପାନୀରେ ପ୍ଲମ୍ବର ଭାବେ କାର୍ଯ୍ୟ କରୁଥିଲେ। ହେଲେ ଗତ ଫେବୃଆରୀ ମାସ ୨୭ତାରିଖ ରାତିରେ କାର୍ଯ୍ୟରତ ସମୟରେ ଖସି ପଡିବାରୁ ବୀରଭଦ୍ର ର ମୃତ୍ୟୁ ଘଟିଥିବା ଘରକୁ ଖବର ଆସିଥିଲା। ପାଖାପାଖି ୧ ମାସ ହେବ ବୀରଭଦ୍ରର ମୃତ ଦେହ ଫେରିବା ବାଟକୁ ଅନାଇ ବସିଥିଲେ ପରିବାର ଲୋକ। ଆଜି ଗାଁ ରେ ମୃତ ଦେହ ପହଞ୍ଚିବା ପରେ କାନ୍ଦ ବୋବାଳିରେ ଫାଟି ପଡ଼ିଥିଲା ସାରା ପରିବେଶ। ଅନ୍ୟପଟେ ବୀରଭଦ୍ରର ମୃତ ଦେହ ଫେରିବାରେ ବିଳମ୍ବ ହେବାରୁ ଏକ କୁଶ ପୁତ୍ତଳିକା କରି ସୁଦ୍ଧିକ୍ରିୟା ସାରିଥିଲେ ପରିବାର ଲୋକେ। ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ମୃତଦେହ ଆସିବାରେ ବିଳମ୍ବ ହୋଇଥିବା କଥା କହିଛନ୍ତି ପରିବାର ଲୋକେ। ମୃତଦେହ ପହଞ୍ଚିବା ପରେ ଗାଁରେ ଅତିରିକ୍ତ ଶ୍ରମ ଅଧିକାରୀ ଲୋକନାଥ ଦାସ ପହଞ୍ଚି ସମବେଦନା ଜଣାଇବା ସହ ଯାହା ସରକାରୀ ସାହାଯ୍ୟ ମିଳିବା କଥା ମିଳିବ ବୋଲି ଜଣାଇଥିଲେ। ଅନ୍ୟପଟେ ବୀରଭଦ୍ରଙ୍କୁ ତୁରନ୍ତ କ୍ଷତିପୂରଣ କିପରି ମିଳିବ ତା'ର ବ୍ୟବସ୍ଥା ସରକାର କରନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ପରିବାରର ଅନୁରୋଧକ୍ରମେ ଶବ ଫେରାଇବା ପାଇଁ ପ୍ରଶାସନ ପକ୍ଷରୁ ତତ୍କ୍ଷଣାତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଭଦ୍ରକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ସହ ଶ୍ରମ ଅଧିକାରୀ ୨ ମାର୍ଚ୍ଚରେ ତଦନ୍ତ କରି ରିପୋର୍ଟ ଜିଲ୍ଲା ଶ୍ରମ ଅଧିକାରୀ ଓ ଶ୍ରମ ଆୟୁକ୍ତଙ୍କୁ ପ୍ରଦାନ କରିଥିଲେ। ପରେ ପ୍ରବାସୀ ଶ୍ରମିକ ହେବାରୁ ଶ୍ରମ ଆୟୁକ୍ତ ଦ୍ୱାରା ବିଦେଶ ମନ୍ତ୍ରାଳୟ ସହ ସମ୍ପର୍କ ସ୍ଥାପନ କରାଯାଇ ଶବ ପ୍ରତ୍ୟାର୍ପଣ ଓ ଆର୍ôଥକ ସହାୟତା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଓଡ଼ିଶା ସରକାରଙ୍କ ଶ୍ରମ ବିଭାଗ, ଓଡ଼ିଶା ପରିବାର, ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ କମ୍ପାନୀଙ୍କ ସମ୍ମିଳିତ ପ୍ରୟାସରେ ବୀରଭଦ୍ରଙ୍କ ପାର୍ôଥବ ଦେହ ବିମାନ ଯୋଗେ ହାଇଦ୍ରାବାଦ ପହଞ୍ଚିଥିଲା। ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କ ଜନ୍ମମାଟିକୁ ଅଣାଯାଇ ସମ୍ମାନ ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏହି ଘଟଣା ଅଂଚଳରେ ଶୋକର ଛାୟା ସୃଷ୍ଟି କରିଛି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ୪ ବର୍ଷର ଝିଅ

ମଙ୍ଗଳପୁର,୨୭।୩(ସମିସ): ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ୪ ବର୍ଷର ଝିଅ ନିହାରିକା ଜେନା ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇଚନ୍ତି। ନିହାରିକା ନୀଳକଣ୍ଠପୁର ଗ୍ରାମର ରାକେଶ କୁମାର ଜେନା ଓ ନିତା ଜେନାଙ୍କ ସାନ ଝିଅ ହୋଇଥିବା ବେଳେ ସେ ମଙ୍ଗଳପୁର ସେଣ୍ଟ ଜାଭିଅର ହାଇସ୍କୁଲରେ ମଣ୍ଟେଶ୍ୱରୀ-୨ର ଛାତ୍ରୀ ଅଟନ୍ତି। ନିହାରିକା ଖୁବ କମ ସମୟ ମଧ୍ୟରେ ମଣିଷ ଦେହର ୧୬ଟି ଅଙ୍ଗ, ଦେଶର ୭ଟି ଜାତୀୟ ଚିହ୍ନ, ୩ଟି ହିନ୍ଦୀ କବିତା ଓ ଜାତୀୟ ସଙ୍ଗୀତ ଗାନ କରି ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି। ଫେବୃଆରୀ ୧୭ ତାରିଖରେ ନିହାରିକା ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ବେଳେ ମାର୍ଚ୍ଚ ୨୬ ତାରିଖରେ ତାଙ୍କ ନିକଟରେ ତାଙ୍କର ଏହି ପ୍ରମାଣ ପତ୍ର ପହଞ୍ଚିଛି। ନିହାରିକା ଏତେ କମ ବୟସରେ ଏଭଳି ସଫଳତା ଲାଭ କରିବା ପରେ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟି ଆସିଛି। ଏହି ସଫଳତା ପାଇଁ ବିଞ୍ଝାରପୁର




ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ଯାଜପୁରର ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ପାଲଟପୁରର ପୂର୍ବତନ ସରପଞ୍ଚ ଝୁନାରାଣୀ ରାୟ, ନିହାରିକଙ୍କ ଶ୍ରେଣୀ ଶିକ୍ଷକ ବିଶ୍ୱସ୍ୱନି ମହାନ୍ତି, ପ୍ରିନ୍ସପାଲ ସନ୍ତୋଷ କୁମାର ଜେନା ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣେଇଛନ୍ତି।

# ମା' ବୈତରଣୀ ନିତ୍ୟ ଆରତିର ଶୁଭାରମ୍ଭ



ପାଣିକୋଇଲି,୨୭।୩(ସମିସ): ଚୈତ୍ର ଶୁକ୍ଳ ଅଷ୍ଟମୀ (ଅଶୋକାଷ୍ଟମୀ) ତିଥିରେ ପୂର୍ଣ୍ୟତୋୟା ବୈତରଣୀ ନଦୀକୁ ପ୍ରତ୍ୟେହ ଆରତି କରାଯିବ ବୋଲି ବିରଜା ପୁତ୍ର ବାବା ଉଦୟନାଥ ପର୍ବତ ଘୋଷଣା କରିଥିଲେ। ତଦନୁଯାୟୀ ଅଖିଳ ଭାରତୀୟ ସନ୍ୟାସୀ ସଂଗମର ସସ୍ଥାପକ ସଭାପତି ନଦୀ ପୁତ୍ର ସ୍ୱାମୀ ରାମାନନ୍ଦ ପୁରୀ ମହାରାଜଙ୍କ ମାର୍ଗଦର୍ଶନରେ ବୈତରଣୀ ନିତ୍ୟସେବା ସଂସ୍ଥାନ ଓ ବୈତରଣୀ ସେବା ଆଶ୍ରମ ଆନୁକୂଲ୍ୟରେ ଯାଜପୁର ବ୍ଲକ ମାଳଆନ୍ଦପୁର ପଞ୍ଚାୟତ ନିମପାଳ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପରମ ଦିବ୍ୟ ବୈତରଣୀ ଆରତି କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥ ଓ ଭକ୍ତଙ୍କ ସମାଗମ ହୋଇଥିଲା। କର୍ତ୍ତାଭାବେ ଦେବଦତ୍ତ ରାୟ ଓ ପତ୍ନୀ ଗାୟତ୍ରୀ ରାୟ କାର୍ଯ୍ୟଭାର ସମାପନ କରିଥିଲେ। ବିଭିନ୍ନ ଅଞ୍ଚଳରୁ ସାଧୁସନ୍ଥ, ଭକ୍ତ ଓ ଦର୍ଶକ ଯୋଗଦେଇ ଥିବା ବେଳେ ଭ୍ରମରବର ବେହେରା, ରଘୁନାଥ ବେହେରା, ଅନନ୍ତ ବାସୁଦେବ ମିଶ୍ର, ଅଞ୍ଜନ ମିଶ୍ର, କାର୍ତ୍ତିକ ପଡ଼ିହାରୀ, ସୁରେଶ ମିଶ୍ର, ଶରତ ଦାସ, ରଘୁନାଥ ପଡିଆରୀ, ମହେଶ୍ୱର ବେହେରା, ଫକୀର ଧଳ, ଲମ୍ବୋଦର ମହାନ୍ତିଙ୍କ ସମେତ ଶତାଧିକ ଗ୍ରାମବାସୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଆରତି କାର୍ଯ୍ୟକ୍ରମ ପ୍ରତ୍ୟେହ ଅନୁଷ୍ଠିତ ହେବ ବୋଲି ବାବା ଉଦୟନାଥ ପର୍ବତ ମହାରାଜ ସୂଚନା ଦେଇଛନ୍ତି।

# ଯାଜପୁରର ୧୦ ସରପଞ୍ଚ ଜିଲ୍ଲାସ୍ତରରେ ସମ୍ମାନିତ

ଯାଜପୁର,୨୭।୩(ସମିସ): ଯକ୍ଷ୍ମା ନିରାକରଣ ନିମନ୍ତେ ଉନ୍ନତ କାର୍ଯ୍ୟ କରିଥିବା ସରପଞ୍ଚ ଓ ଆଶାଙ୍କୁ ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଜିଲ୍ଲାସ୍ତରୀୟ ସମ୍ମିଳନୀରେ ସମ୍ମାନିତ କରାଯାଇଛି। ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ଜିଲ୍ଲାର ମୋଟ୍ ୩୧୧ ପଞ୍ଚାୟତ ମଧ୍ୟରୁ ୫୫ ଜଣ ସରପଞ୍ଚଙ୍କୁ ସମ୍ମାନିତ କରାଯାଇଥିଲା। ସେଥିମଧ୍ୟରୁ ଯାଜପୁର ବ୍ଲକ୍ର ୧୦ ଜଣ ସରପଞ୍ଚ ନିଜ ନିଜର ପଞ୍ଚାୟତରେ ଯକ୍ଷ୍ମା ନିରାକରଣ ପାଇଁ ଜନସଚେତନତା ସୃଷ୍ଟି କରିବା ଯକ୍ଷ୍ମାରୋଗୀ ଚିହ୍ନଟ, ଚିକିତ୍ସା ପ୍ରଦାନ, ଆକ୍ରାନ୍ତଙ୍କୁ ରୋଗ ଓ ତାର ଚିକିତ୍ସା ଆଦି ସମ୍ପର୍କରେ ଅବଗତ କରି ସଫଳ ହୋଇଥିବାରୁ ସେମାନଙ୍କୁ ଜିଲ୍ଲାପାଳ ଅମ୍ବର୍ କୁମାର କର ସମ୍ମାନୀତ କରିଥିଲେ। ପୁରସ୍କୃତ ହୋଇଥିବା ସରପଞ୍ଚମାନଙ୍କ ମଧ୍ୟରୁ ସୁଜନପୁର ସରପଞ୍ଚ ବିଷ୍ଣୁପ୍ରିୟା ମହାକୁଡ଼, ବରୁଆଁ ସରପଞ୍ଚ ଅନାହାର ବାନୋ,



ବଡ଼ ସୁଆର ସରପଞ୍ଚ ଅନୁପମା ବିଶ୍ୱାଳ, ଭୁବନେଶ୍ୱରପୁର ସରପଞ୍ଚ ମାନଦୀପା ରାୟ, ଭୂଇଁପୁର ସରପଞ୍ଚ ଲିଜାରାଣୀ ସେଠୀ, ବେରୁଦା ସରପଞ୍ଚ ତାରାକାନ୍ତ ପଣ୍ଡା, ଛତିଶ ଦେବିଲ ସରପଞ୍ଚ ବେବିନା ମଲ୍ଲିକ, ମଳଆନନ୍ଦପୁର ସରପଞ୍ଚ ପର୍ଶୁରାମ ଦଳେଇ, ନାଥ ସାହି ସରପଞ୍ଚ ସସ୍ମିତା ପହି, ଜାଫରପୁର ସରପଞ୍ଚ ମାନିନୀ ବେହେରା ପ୍ରମୁଖ ଜିଲ୍ଲାସ୍ତରୀୟ ସମ୍ମିଳନୀରେ ସମ୍ମାନିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲା ଚିକତ୍ସାଧିକାରୀ ଡା. ଗୋପାଳ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ସନ୍ତୋଷ ସାହୁଙ୍କ ସମେତ ଜିଲ୍ଲାସ୍ତରୀୟ ଅନ୍ୟ ପଦାଧିକାରୀ ଯୋଗ ଦେଇ ଭାରତକୁ ଯକ୍ଷ୍ମା ମୁକ୍ତ କରିବା ପାଇଁ ୧୦୦ ଦିନିଆ କ୍ୟାମ୍ପେନ୍ ଜାରି ରହିବ ବୋଲି ପ୍ରକାଶ କରିଥିଲେ ।ଏଥିପାଇଁ ସ୍ୱାସ୍ଥ୍ୟକର୍ମୀ, ଜନପ୍ରତିନିଧି ଓ ବ୍ଲକ୍ ପ୍ରଶାସନର ମିଳିତ ଉଦ୍ୟମରେ ଗ୍ରାମକୁ ଯକ୍ଷ୍ମା ମୁକ୍ତ କରିବା ଦିଗରେ ପଦକ୍ଷେପ ନେଇ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ।

# ଭତ୍ତା, ରାସନ ଓ ଜମି ପଟ୍ଟା ବଣ୍ଟନ

ଧର୍ମଶାଳା,୨୭।୩(ସମିସ): ଧର୍ମଶାଳା ନିର୍ବାଚନମଣ୍ଡଳୀ ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆରେ ଆଜି ଅପରାହ୍ଣରେ ଭତ୍ତା, ରାସନ କାର୍ଡ ଓ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ଭତ୍ତା, ରାସନ କାର୍ଡ ଓ ଭୂମିହୀନମାନଙ୍କୁ ଜମି ପଟ୍ଟା ବଣ୍ଟନ କରିଥିଲେ। ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରସୁଲପୁର ବିଡିଓ ସତ୍ୟାନନ୍ଦ ଦାସ, ଧର୍ମଶାଳା ତହସିଲଦାର ସମିର ରଞ୍ଜନ ଦାସ, ସାଂସଦ ପ୍ରତିନିଧି କାହ୍ନୁଚରଣ ଦାଶ ପ୍ରମୁଖ ଯୋଗଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ବ୍ଲକର ୩୨୬ ଜଣଙ୍କୁ ଭତ୍ତା ଓ ୨୨୯ଜଣ ଭୂମିହୀନଙ୍କୁ ଜମି ପଟ୍ଟା ଓ ୫୩୬ଜଣ ହିତାଧିôକାରୀଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଥିବା ବେଳେ ରସୁଲପୁର ବ୍ଲକର ୮୧ ଜଣ ହିତାଧିକାରୀଙ୍କୁ ଭତ୍ତା, ୩୯ଜଣ ଭୁମିହିନଙ୍କୁ ଜମି ପଟ୍ଟା ଓ ୮୨ ଜଣଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଛି। ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଦାରିଦ୍ର୍ୟ ସୀମାରେଖା ତଳେ ବାସବାସ କରୁଥିବା ସମସ୍ତଙ୍କୁ ପର୍ଯ୍ୟାୟକ୍ରମେ ରାସନ କାର୍ଡ, ସମସ୍ତ ଭୂମିହୀନମାନଙ୍କୁ ଜମିପଟ୍ଟା ଓ ହିତାଧିକାରୀଙ୍କୁ ଭତ୍ତା ଯୋଗାଇ ଦିଆଯିବ ବୋଲି ବିଧାୟକ ଶ୍ରୀ ସାହୁ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ରାଜେଶ ପାଳ, ଦେବରାଜ ମିଶ୍ର, ଜିତେନ୍ଦ୍ର ରାଉତ, ଅଭିଶେକ ରାଉତ, ତପନ ମାହୁନ୍ତ, ତୀର୍ଥରାଜ ପଣ୍ଡା, ସିବୁଲି ଧିର ପ୍ରମୁଖ ପରିଚାଳନା କରିଥିଲେ।

# ଘର ଉପରେ ପଡିଲା ନଡ଼ିଆ ଗଛ

ପ୍ରୀତିପୁର,୨୭।୩(ସମିସ): ରାତି ଅଧରେ ଘର ନିକଟରେ ଥିବା ଏକ ନଡ଼ିଆ ଗଛ ଭାଙ୍ଗି ପଡିବାରୁ ଅସହାୟ ହୋଇ ପଡିଥିବା ଜଣେ ଶିକ୍ଷକ ତାଙ୍କ ପୁଅକୁ ଓଡ୍ରାଫ ଟିମ ତ୍ୱରିତ ଉଦ୍ଧାର କକରିବା ଘଟଣାକୁ ନେଇ ଓଡ୍ରାଫ ଟିମକୁ ଅଞ୍ଚଳରେ ପ୍ରଶଂସା ମିଳିଛି। ପ୍ରକାଶ ଯେ ବିଞ୍ଝାରପୁର ବ୍ଲକର ଧରମପୁର ଗ୍ରାମର ଅବସର ପ୍ରାପ୍ତ ଶିକ୍ଷକ ମଣିଭଦ୍ର ପଣ୍ଡା ଓ ତାଙ୍କ ପୁଅ ରାତିରେ ଶୋଇଥିବା ବେଳେ ହଠାତ୍ ଘରକୁ ଲାଗିଥିବା ଏକ ନଡିଆ ଗଛ ଭାଙ୍ଗି ପଡି ଘର ଉପରେ ପଡି ଯାଇଥିଲା। ସ୍ୱେଚ୍ଛାସେବୀ ମାନେ ଜାଣିବା ପରେ ଓଡ୍ରାଫ ଟିମକୁ ଖବର ଦେଇଥିଲେ ରାତି ଅଧରେ ଓଡ୍ରାଫ ଟିମର ସଦସ୍ୟମାନେ ରାତି ଅଧରେ ପହଞ୍ଚି ତୁରନ୍ତ ଗଛଟିକୁ କାଟି ଅବସର ପ୍ରାପ୍ତ ଶିକ୍ଷକ ମଣିଭଦ୍ର ପଣ୍ଡା ଓ ତାଙ୍କ ପୁଅକୁ ଉଦ୍ଧାର କରିଥିଲେ।

# କୃଷକ ସଂଗଠନର ଭୁବନେଶ୍ୱରକୁ ପଦଯାତ୍ରା

ଧର୍ମଶାଳା,୨୭।୩(ସମିସ): ବିଭିନ୍ନ ଦାବି ନେଇ ଗତ ୨୨ ତାରିଖରୁ ଘଟଗାଁରୁ ବାହାରିଥିବା ନବନିର୍ମାଣ କୃଷକ ସଂଗଠନ ପଦଯାତ୍ରା ଆଜି ଷଷ୍ଠ ଦିନରେ ପହଞ୍ଚିଛି। ୧୬ ନମ୍ବର ଜାତୀୟ ରାଜପଥ ଦେଇ ଭୁବନେଶ୍ୱର ଯିବା ବେଳେ ଆଜି ଜାରକା ଛକକୁ ପଦଯାତ୍ରା ଅତିକ୍ରମ କରିଛି। ଏଥିସହ ଜାରକା ଛକ ଠାରେ ଅନୁଷ୍ଠିତ ପତପ୍ରାନ୍ତ ସଭାରେ ସଙ୍ଗଠନର ରାଷ୍ଟ୍ରିୟ ଅଧକ୍ଷ ଅକ୍ଷୟ କୁମାର ଓ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗଦେଇ ସରକାରଙ୍କ କୃଷିନିତି ଉପରେ ବର୍ଷିଥିଲେ। ଜାରକା ଛକ ପୂର୍ବରୁ ରାଜ୍ୟ ସହସଂଯୋଜକ ନିମାଇ ରାୟ ଓ ଜିଲ୍ଲା ସଭାପତି ଦୁର୍ଗା ଦାଶ, ମାଧବ ଶ୍ୟାନ୍ତି ପ୍ରମୁଖ ପଦଯାତ୍ରୀଙ୍କୁ ସ୍ୱାଗତ କରିଥିଲେ। ପରେ ଜାରକାରୁ କୃଷକ ନେତା ବସନ୍ତ ପରିଡାଙ୍କ ନେତୃତ୍ୱରେ ଲୋକନାଥ ପଲେଇ, ଉମେଶ ରାଉତକାର୍ତିକ ମଲିକ, ସୁରେନ୍ଦ୍ର ମଲିକ, ପ୍ରକାଶ ସେଠୀ, ପାଗଳ ମହାନ୍ତି ପ୍ରମୁଖ ପଦଯାତ୍ରାରେ ଯାଉଥିବା ଚାଷୀମାନଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଶୋକ ଶ୍ୟାନ୍ତି ମନୱର, ରଣଜିତ ପଟ୍ଟନାୟକ, ଆର୍ତତ୍ରାଣ ପରିଡା, ପ୍ରତାପ ଜେନାବଟକୃଷ୍ଣ ବିଶ୍ୱାଳ, କୁଳମଣି ପ୍ରଧାନ, ଭକ୍ତବନ୍ଧୁ ପ୍ରଦାନ ପ୍ରମୁଖ ସାମିଲ ହୋଇଛନ୍ତି।

# ମା' ବାସନ୍ତୀ ଦୁର୍ଗାଙ୍କ ପୂଜାର୍ଚ୍ଚନା

ଅସୁରାଳି,୨୭ ।୩ (ସମିସ): ଧାମନଗର ବ୍ଲକ ପାଳସାହି ପଞ୍ଚାୟତ ବେତାଳିଗାଁରେ ଶକ୍ତି ସ୍ୱରୂପିଣୀ ମା' ବାସନ୍ତୀ ଦୁର୍ଗାଙ୍କ ପୂଜା ମହୋତ୍ସବ ଅତ୍ୟନ୍ତ ଭକ୍ତି ଓ ଶ୍ରଦ୍ଧାର ସହ ଅନୁଷ୍ଠିତ ହେଉଛି। ଚୈତ୍ର ନବରାତ୍ରୀ ଅବସରରେ ମାଆଙ୍କର ଏହି ଭବ୍ୟ ପୂଜା ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ଏହି ଅବସରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମନ୍ଦିରକୁ ଆସି ମାଆଙ୍କ ଦର୍ଶନ କରିବା ସହ ଆଶିଷ ଭିକ୍ଷା କରୁଛନ୍ତି। ମାଆଙ୍କ ମୃଣ୍ମୟୀ ପ୍ରତିମା ଓ ସୁସଜ୍ଜିତ ପୀଠ ଶ୍ରଦ୍ଧାଳୁଙ୍କ ମନରେ ଭକ୍ତିଭାବ ଜାଗ୍ରତ କରୁଛି। ପୂଜା କମିଟି ପକ୍ଷରୁ ମାଆଙ୍କ ନୀତିକାନ୍ତି ସହ ଭକ୍ତମାନଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏହି ପବିତ୍ର ଅବସରରେ ଅତିଥିମାନେ ମାଆଙ୍କ ଦର୍ଶନ କରିବା ସହ ସମସ୍ତଙ୍କ ଜୀବନ ମଙ୍ଗଳମୟ ଓ ସୁଖମୟ ହେଉ ବୋଲି କାମନା କରିଛନ୍ତି। ମାଆଙ୍କ ଅପାର କରୁଣା ସମଗ୍ର ସମାଜ ଉପରେ ରହିଲେ ବିଶ୍ୱ ଶାନ୍ତି ପ୍ରତିଷ୍ଠା ହେବ ବୋଲି ବିଶ୍ୱାସ ପ୍ରକଟ କରାଯାଇଛି। ଆଗାମୀ ଦିନରେ ଏହି ଉତ୍ସବରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଆହୁରି ବଢ଼ିବାର ଆଶା କରାଯାଉଛି।



# ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗି ୩ ଗୁରୁତର

ଦୋଲସାହି,୨୭ ।୩(ସମିସ): ତିହିଡି ଥାନା ପାଳିଆବିନ୍ଧା ପଞ୍ଚାୟତ ପାଳିଆ ଶାସନ ଗାଁରେ ଗୁରୁବାର ରାତିରେ ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ଗୋଟିଏ ପରିବାରର ୩ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ଗ୍ରାମର ଭାର୍ଗବୀ ଶତପଥି(୪୦), ତାଙ୍କ ସ୍ୱାମୀ ଉଦୟ ନାରାୟଣ ଶତପଥି (୪୫)ଏବଂ ନାବାଳିକା ଝିଅ ସ୍ନେହାଞ୍ଜଳି(୧୪) । ସେମାନେ ଏବେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଯେ ରାତିରେ ଭାର୍ଗବୀ ଗ୍ୟାସ ଯୋଗେ ରୋଷେଇ କରୁଥିଲେ। ଏହି ସମୟରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଭାର୍ଗବୀଙ୍କ ଦେହରେ ନିଆଁ ଲାଗିଯିବାରୁ ସେ ଚିତ୍କାର କରିଥିଲେ। ପାଟି ଶୁଣି ତାଙ୍କ ସ୍ୱାମୀ ଓ ଝିଅ ଆସି ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କଲାବେଳେ ତାଙ୍କ ଦେହରେ ମଧ୍ୟ ନିଆଁ ଲାଗି ଯାଇଥିଲା। ଯାହାଫଳରେ ସେମାନେ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ତିହିଡି ଓ ପରେ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ଓ ପରେ ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିବା ଜଣାଯାଇଛି।

# ଲକ୍ଷ୍ମୀନାରାୟଣ ଟ୍ରାଭେଲ୍ସ ପକ୍ଷରୁ ଜଳଛତ୍ର

ରେମୁଣା,୨୭।୩(ସମିସ): ରେମୁଣା ଏନ୍ଏସି ଅନ୍ତର୍ଗତ ରେମୁଣା ଗୋଲେଇଠାରେ ଥିବା ଲକ୍ଷ୍ମୀନାରାୟଣ ଟ୍ରାଭେଲ୍ସ ପକ୍ଷରୁ ଶ୍ରୀରାମନବମୀରେ ଜଳଛତ୍ରର ଶୁଭାରମ୍ଭ କରାଯାଇଛି। ଲକ୍ଷ୍ମୀନାରାୟଣ ଟ୍ରାଭେଲ୍ସର ପ୍ରୋପାଇଟର ପ୍ରଦୀପ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଏହି ଜଳଛତ୍ର ବ୍ୟବସ୍ଥା କରାଯାଇଛି। ୩ ମାସ ପର୍ଯ୍ୟନ୍ତ ଏଠାରେ ଦହି ସର୍ବତ, ବେଲପଣା ଏବଂ ଥଣ୍ଡା ପାନୀୟ ଜଳର ବନ୍ଦୋବସ୍ତ କରାଯାଇଛି। ଜଳଛତ୍ରକୁ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ସମାଜସେବୀ



ବିଜୟ ସେଠୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଭାସ୍କର୍ଯ୍ୟ ଶିଳ୍ପୀ ଉପେନ୍ଦ୍ର ଗିରି, ସମାଜସେବୀ ଗୌରାଙ୍ଗ ଦାସ, ରାମ ଭାଇ, କୁନା ପାତ୍ରୀ, ସରୋଜ କୁମାର ସାହୁ ପ୍ରମୁଖ ଯୋଗଦେଇ ଏଭଳି ମହତ ଆୟୋଜନ କରିଥିବାରୁ ଆୟୋଜକଙ୍କୁ ସାଧୁବାଦ ଜଣାଇଥିଲେ।

# ଚୋରା ବାଲିଗାଡ଼ି ଧକ୍କାରେ ଯୁବକ ମୃତ

ଜଳେଶ୍ୱର ବ୍ଲକ,୨୭।୩(ସମିସ): ଜଳେଶ୍ୱର ଥାନା ଅନ୍ତର୍ଗତ ଶେଖରପୁର ଗ୍ରାମ ପଞ୍ଚାୟତର ବଡ଼ପଦା ଗ୍ରାମର ପୂର୍ଣ୍ଣଚନ୍ଦ୍ର ଗିରିଙ୍କ ପୁତ୍ର ପ୍ରାଣକୃଷ୍ଣ ଗିରି (୪୦)ଙ୍କ ଚୋରା ବାଲିଗାଡ଼ି ଧକ୍କାରେ ମୃତ୍ୟୁ ଘଟିଛି। ଗତ ରାତିରେ କୌଣସି ଏକ କାମରେ ଚମାରଗାଁ ଆଡୁ ନିଜ ଘରକୁ ଏକ ବାଇକ୍ ଯୋଗେ ଫେରୁଥିବାବେଳେ ଶିଖରପୁର ନାଣ୍ଡି ପୋଖରୀ ନିକଟରେ ଏକ ବାଲି ବୋଝେଇ ଟ୍ରାକ୍ଟର ଦ୍ରୁତ ଗତିରେ ଆସି ପ୍ରାଣକୃଷ୍ଣଙ୍କୁ ଧକ୍କା ଦେଇଥିଲା। ଗ୍ରାମବାସୀ ଓ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜଳେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ଗ୍ରାମବାସୀ ବାଲି ଗାଡ଼ିକୁ ଅଟକ ରଖିବା ସହିତ ଚୋରା ବାଲି ଚାଲାଣକୁ ପୁଲିସ ପ୍ରଶ୍ରୟ ଦେଉଥିବା ଅଭିଯୋଗ କରିଥିଲେ। ଏଥିସହ ଆଉ ଏକ ଗୁରୁତର ଅଭିଯୋଗ କରିଥିଲେ କି, ବହୁ ବାଲି ଗାଡ଼ିର ହର୍ଣ୍ଣ ବାଜୁ ନଥିବାବେଳେ ଲାଇଟ୍ ଜଳୁନାହିଁ ଓ ବହୁ ଗାଡ଼ିକୁ ଅନଭିଜ୍ଞ ଚାଳକ ଚଳାଉଥିବାରୁ ଏପରି ବାରମ୍ବାର ଦୁର୍ଘଟଣା ଘଟୁଛି। ସବୁ ଦେଖି ପୁଲିସ ପ୍ରଶାସନଠାରୁ ଆରମ୍ଭ କରି ମାଇନିଙ୍ଗ, ତହସିଲ ଏବଂ ଜିଲ୍ଲା ପରିବହନ ବିଭାଗ ନିଦାବିଷ୍ଣୁ ସାଜିଛି। ଆଗକୁ ଯଦି ଏ ଦିଗରେ ଦୃଷ୍ଟି ଦିଆନଯାଏ ତେବେ ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ।



# ରାମ ନବମୀରେ ଉତ୍ସବମୁଖର ଚାନ୍ଦବାଲି

ଭଦ୍ରକ,୨୭ ।୩(ସମିସ): ପବିତ୍ର ରାମ ନବମୀ ଅବସରରେ ଉତ୍ସବ ମୁଖର ହୋଇଉଠିଛି ଚାନ୍ଦବାଲି ଅଞ୍ଚଳ। ଧର୍ମୀୟ ଉତ୍ସାହ ଓ ଭକ୍ତିମୟ ପରିବେଶ ମଧ୍ୟରେ ବହୁ ସିଙ୍ଗିଟି ବଜରଙ୍ଗବାଲିଙ୍କ ଠାରେ ପୂଜା ଅର୍ଚ୍ଚନା କରାଯାଇ ବାଜା, ବାଣ, ଘଣ୍ଟ, ଘଣ୍ଟାରେ ଭଦ୍ରକ ଅଭିମୁଖେ ବାହାରି ଥିଲେ ଭକ୍ତ। ସେହି ଭଳି ଘଣ୍ଟେଶ୍ୱର ବଜାର ନିକଟରୁ ବାଣ, ବାଜା ରୋଷଣିରେ ଭଦ୍ରକ ଅଭିମୁଖେ ବାହାରିଥିଲା ସୁସଜ୍ଜିତ ମେଢ଼। ଶୋଭାଯାତ୍ରାରେ ଶହଶହ ଭକ୍ତ ଯୋଗ ଦେଇଥିଲେ। ଢୋଲ, ଝାଞ୍ଜ ଓ ଶଂଖ ଧ୍ୱନିରେ ପ୍ରକମ୍ପିତ ହେଉଥିଲା ପରିବେଶ। ପୁଷ୍ପରେ ସୁସଜ୍ଜିତ ରଥରେ ଭଗବାନ ଶ୍ରୀରାମଙ୍କ ମୂର୍ତ୍ତିକୁ ବସାଇ ଅଞ୍ଚଳର ବିଭିନ୍ନ ରାସ୍ତା ଦେଇ ମେଢ଼ ଭଦ୍ରକ ଅଭୂମୁଖେ ଅଗ୍ରସର ହୋଇଥିଲା। ଶାନ୍ତି ଶୃଙ୍ଖଳାର ସହିତ ମେଢ଼ଗୁଡ଼ିକ ଭଦ୍ରକ ଅଭିମୁଖେ ଯାଇଥିଲେ।

# ଆଞ୍ଚଳିକ କୃଷକ ମଞ୍ଚର ବୈଠକ ୩୦ ରେ ରାସ୍ତାରୋକ ନିଷ୍ପତ୍ତି



ନୀଳଗିରି,୨୭।୩(ସମିସ): ନୀ ଳଗିରି ଉପଖଣ୍ଡ ଔପଦା ବ୍ଲକ ବାଉଁଶବଣିଆ ପଞ୍ଚାୟତ ସଭାଗୃହରେ ଆଞ୍ଚଳିକ କୃଷକ ମଞ୍ଚର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ବଉଳଗଡ଼ିଆ ରାସ୍ତାର ପୁନରୁଦ୍ଧାର ଏବଂ ଇକୋ ସେନ୍ସିଟିଭି ଜୋନ୍ ପ୍ରତ୍ୟାହାର ଦାବିରେ ୩୦ ମାର୍ଚ୍ଚରେ ବାଉଁଶବଣିଆ ଛକରେ ରାସ୍ତାରୋକ ହେବାକୁ ଥିବାବେଳେ ଏ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସକାଳ ୯ରୁ ଆରମ୍ଭ କରି ଅପରାହ୍ଣ ୪ଟା ପର୍ଯ୍ୟନ୍ତ ନୀଳଗିରି ବଉଳଗଡ଼ିଆ ରାସ୍ତା ଅବରୋଧ ନେଇ ନେତୃତ୍ୱମାନେ ସୂଚନା ଦେଇଛନ୍ତି। ମଞ୍ଚର ସଭାପତି ରାମଚନ୍ଦ୍ର ବେହେରାଙ୍କ ଉପଦେଶ କ୍ରମେ ଉପସଭାପତି ଉମାକାନ୍ତ ମଲିକ, ସମ୍ପାଦକ ନିହାର ରଞ୍ଜନ ଜେନା, ଉପଦେଷ୍ଟା ନିରଞ୍ଜନ ବାରିକ, ଗୌରାଙ୍ଗ ପ୍ରସାଦ ପଟ୍ଟନାୟକ, ଯୋଗେଶ୍ୱର ବେହେରା, ରବିନାରାୟଣ ଜେନା, ବିଜୟ କୁମାର ପ୍ରମୁଖ ନେତୃତ୍ୱମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପୂର୍ବ ଭାରତ ଉପକୂଳରେ ନୂଆ ଇତିହାସ

# ଧାମରାରେ ଟାଟା ଷ୍ଟିଲର ପ୍ରଥମ କେପ୍ସାଇଜ୍ ଲୁହାପଥର ଆମଦାନୀ ଜାହାଜ

ଭଦ୍ରକ,୨୭ ।୩(ସମିସ)

ଟାଟା ଷ୍ଟିଲର ପ୍ରଥମ କେପ୍ ସାଇଜ୍ ଲୁହା ପଥର ଆମଦାନୀ ଜାହାଜ ଆଜି ଧାମରା ବନ୍ଦରରେ ପହଞ୍ଚିଛି। ଟାଟା ଷ୍ଟିଲର ବରିଷ୍ଠ ନେତୃତ୍ୱ ଆଜି ଧାମରା ବନ୍ଦର ପରିଦର୍ଶନ କରି ଗଭୀର ସାମୁଦ୍ରିକ ବନ୍ଦର ବର୍ଥରେ ଲାଗିଥିବା ସେମାନଙ୍କର ପ୍ରଥମ କେପ୍ ସାଇଜ୍ ଲୁହା ପଥର ଆମଦାନୀ ଜାହାଜ ଏମ୍ ଭି-ଇନାକୁ ସ୍ୱାଗତ ଜଣାଇଛନ୍ତି। ୧,୫୧,୭୭୩ ମେଟ୍ରିକ ଟନ୍ ଲୁହା ପଥର ନେଇ ଆସିଥିବା ଏହି ଜାହାଜ ଧାମରା ବନ୍ଦର ପାଇଁ ଏକ ଐତିହାସିକ ସଫଳତା। ଏହା ବନ୍ଦରର କାର୍ଯ୍ୟ ଦକ୍ଷତା ଏବଂ କାର୍ଗୋ



ପରିଚାଳନା କ୍ଷମତା ବୃଦ୍ଧି ଦିଗରେ ଏକ ପ୍ରମୁଖ ମାଇଲଖୁଣ୍ଟ। ଏକ କେପ୍ ସାଇଜ୍ ଜାହାଜର ସଫଳ ପରିଚାଳନା, ବଡ଼ ଜାହାଜ ଏବଂ ଅଧିକ ପରିମାଣର କାର୍ଗୋକୁ ଦକ୍ଷତାର ସହ ପରିଚାଳନା କରିବାରେ ଧାମରା ବନ୍ଦରର ବଢୁଥିବା କ୍ଷମତାକୁ ପ୍ରମାଣିତ କରୁଛି। ଟାଟା ଷ୍ଟିଲର ବରିଷ୍ଠ ପ୍ରତିନିଧିମାନେ ବନ୍ଦରର ବିଭିନ୍ନ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିବା ସହ ଚାଲୁ ରହିଥିବା ଏବଂ ଆଗାମୀ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଛନ୍ତି, ଯାହା ଉଭୟ ସଂସ୍ଥା ମଧ୍ୟରେ ଥିବା ସମନ୍ୱୟକୁ ଦର୍ଶାଉଛି। କ୍ଷମତା ବୃଦ୍ଧି, ଭିତ୍ତିଭୂମି ଆଧୁନିକୀକରଣ ଏବଂ ଦୀର୍ଘକାଳୀନ ଅଭିବୃଦ୍ଧି ଯୋଜନା ଉପରେ ହୋଇଥିବା ଏହି ଆଲୋଚନା ଏକ ସ୍ଥିର, ଦକ୍ଷ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ସାମୁଦ୍ରିକ ପରିବହନ ବ୍ୟବସ୍ଥା ଗଠନର ସୂଚନା ଦେଉଛି। ଟାଟା ଷ୍ଟିଲର ଆଗାମୀ ସମ୍ପ୍ରସାରଣ ଯୋଜନାକୁ ସହାୟତା କରିବା ପାଇଁ ଧାମରା ବନ୍ଦରର ସମ୍ପ୍ରସାରଣ ଏକ ସହଜ, ଦକ୍ଷ ଏବଂ ମାପଯୋଗ୍ୟ ପରିବହନ ସମାଧାନ ନିଶ୍ଚିତ କରୁଛି। ଇସ୍ପାତ କାରଖାନାର ସମ୍ପ୍ରସାରଣ ପୂର୍ବରୁ ଧାମରା ବନ୍ଦରର ସମ୍ପ୍ରସାରଣ କାର୍ଯ୍ୟ ସମାପ୍ତ ହେବା ଦ୍ୱାରା ଏହାର ପାର୍ଶ୍ୱବର୍ତ୍ତୀ ଅଂଚଳରେ ଥିବା ସମସ୍ତ ଇସ୍ପାତ କାରଖାନାଗୁଡ଼ିକ ସେମାନଙ୍କର ସମ୍ପ୍ରସାରଣ କାର୍ଯ୍ୟରେ ଉପକୃତ ହୋଇପାରିବେ। କୋଇଲା, ଫ୍ଲକ୍ସ, ସ୍ଲାଗ୍, ଷ୍ଟିଲ୍ ଏବଂ ଚୂନ ପଥର ପରିଚାଳନା ପାଇଁ ଟାଟା ଷ୍ଟିଲର ଧାମରା ବନ୍ଦର ସହିତ ଦୀର୍ଘ ଦିନର ସମ୍ପର୍କ ରହିଛି। ନିକଟରେ, ଧାମରା ବନ୍ଦର ମାତ୍ର ୨୪ ଘଣ୍ଟା ମଧ୍ୟରେ ୩୦ ହଜାର ମେଟ୍ରିକ ଟନ୍ ଚୂନ ପଥର ସଫଳତାର ସହ ଜାହାଜରୁ ଖଲାସ କରିଛି, ଯାହା ଏହାର ଆଧୁନିକ ଭିତ୍ତିଭୂମି, ନିରନ୍ତର ଉତ୍ପାଦନ କ୍ଷମତା ଏବଂ ସଠିକ୍ ସମନ୍ୱୟକୁ ପ୍ରତିଫଳିତ କରେ।

## ଶିଶୁ ସେବିକା ନିଯୁକ୍ତିରେ ଅନିୟମିତତା ଅଭିଯୋଗ

# ଟଙ୍କା ଦେଇନପାରିବାରୁ ବାଦ୍ ପଡିଲେ ମହିଳା, ଥାନାର ଦ୍ୱାରସ୍ଥ

ରାଜଘାଟ,୨୭।୩(ସମିସ)

ବସ୍ତା ଥାନା ନିଶ୍ଚିନ୍ତପୁର ଗ୍ରାମରେ ଶିଶୁ ବାଟିକାରେ ଶିଶୁ ସେବିକା ନିଯୁକ୍ତିରେ ଅନିୟମିତତା, ଟଙ୍କା ନେଣଦେଣ ସହ ଯୋଗ୍ୟତା ନ ଥିବା ପ୍ରାର୍ଥୀ ଚୟନକୁ ନେଇ ପ୍ରଧାନ ଶିକ୍ଷକ ଏବଂ କମିଟି ସଭାପତିଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି ଜଣେ ମହିଳା।




ସୂଚନା ଅନୁସାରେ, ନିଶ୍ଚିନ୍ତପୁର ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ନିଯୁକ୍ତି ପାଇଁ ଓସେପାର ପତ୍ର ସଂଖ୍ୟା-୯୧୧୮,୨୨/୮/୨୦୨୫, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ବାଲେଶ୍ୱରଙ୍କ ପତ୍ର ସଂଖ୍ୟା-୪୬୦୮, ୨୬/୧୨/୨୦୨୫ ଏବଂ ବସ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପତ୍ର ସଂଖ୍ୟା- ୩୨୪,୯/୨/୨୦୨୬ରେ ବିଦ୍ୟାଳୟରେ ଖାଲି ପଡ଼ିଥିବା ଗୋଟିଏ ଶିଶୁ ସେବିକା ପଦବୀ ପାଇଁ ଚଳିତ ମାସ ୨୪ ତାରିଖ ଅପରାହ୍ନ ୪ଟା ସୁଦ୍ଧା ଗ୍ରାମ/ୱାର୍ଡରେ ଥିବା ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଓ ଅନ୍ୟାନ୍ୟ ବର୍ଗର ମହିଳାଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଆବେଦନକାରୀ ମାନେ ଆବେଦନ କରିବା ପରେ ୨୫ ତାରିଖରେ ସ୍କୁଲର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ରାମ ଏବଂ ପରିଚାଳନା କମିଟି ସଭାପତି ସଞ୍ଜୟ ବେହେରା ଆବେଦନକାରୀ କବିତା ଜେନାଙ୍କ ଘରକୁ ଯାଇ ୨୬ ତାରିଖ ଇଣ୍ଟରଭ୍ୟୁ ଥିବା କହିଥିଲେ। ଏବଂ ସିଲେକ୍ସନ ପାଇଁ ୩୦ ହଜାର ଟଙ୍କା ମାଗିଥିଲେ। ମାତ୍ର ଆବେଦନକାରୀ ମହିଳା ଏତେଗୁଡାଏ ଟଙ୍କା ଦେବାକୁ ସମର୍ଥ ନହେବାରୁ କମିଟିର ସଭାପତି ୩ ହଜାର ଟଙ୍କା ଦେବାକୁ ବାଧ କରିଥିଲେ। ହେଲେ ଆବେଦନକାରୀ ୫ଶହ ଟଙ୍କା ଦେଇଥିଲେ ଏବଂ ସିଲେକ୍ସନ ପରେ ବାକି ପଇସା ଦେବାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ସିଲେକ୍ସନ ସମୟରେ ଆବେଦନକାରୀ ଗେଟ୍ ବାହାରେ ସକାଳ ୧୦ରୁ ୪ଟା ପର୍ଯ୍ୟନ୍ତ ଅପେକ୍ଷା କରିଥିବା ବେଳେ ସିଲେକ୍ସନ କମିଟି ଅନ୍ୟ ଜଣେ ମହିଳାଙ୍କୁ ସିଲେକ୍ସନ କରିଥିଲେ। ଏହାଦେଖି ଆବେଦନକାରୀ କବିତା ଜେନା ପ୍ରତିବାଦ କରିବାରୁ ସର୍ବସମ୍ମୁଖରେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ତାଙ୍କର ଆବେଦନପତ୍ରକୁ ଫିଙ୍ଗି ଦେଇଥିଲେ। ଏହାକୁ ନେଇ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ସହିତ ଅର୍ଥ କାରବାର କରି ଯୋଗ୍ୟତା ନଥିବା ପ୍ରାର୍ଥୀଙ୍କୁ ଚୟନ କରାଯାଇଥିବା କହିଛନ୍ତି ଅଭିଯୋଗକାରିଣୀ। ଏଥିସହିତ ସର୍ବସମ୍ମୁଖରେ ଜଣେ ମହିଳାଙ୍କୁ ଅସମ୍ମାନିତ କରିବା, ଗାଳିଗୁଲଜ କରିଥିବା ପ୍ରଧାନ ଶିକ୍ଷକ ଏବଂ ପରିଚାଳନା କମିଟି ସଭାପତିଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ

ସୋର,୨୭।୩(ସମିସ): ସୋର ଥାନା କଲେଜଛକ ନିକଟରେ ଜିଲ୍ଲା ପରିବହନ ବିଭାଗ ଏବଂ ପୁଲିସ ପକ୍ଷରୁ ଗାଡିମୋଟର ଯାଞ୍ଚ କରାଯାଇ ଅମାନିଆ ଗାଡି ଚାଳକଙ୍କଠାରୁ ଲକ୍ଷାଧିକ ଟଙ୍କାର ଫାଇନ୍ ଆଦାୟ କରାଯାଇଛି। ବାଲେଶ୍ୱର ଟ୍ରାଫିକ ଇନସ୍ପେକ୍ଟର ସମରେନ୍ଦ୍ର ମହାପାତ୍ର ଏବଂ ସୋର ଥାନା ଏସଆଇ ସାଧୁସିଂ ଗାଗରାଇ, ପ୍ରଭାକର ସାହୁଙ୍କୁ ନେଇ ଏକ ଟିମ ସହ କଲେଜ ଛକରେ ଦୁଇ ଚକିଆ ଏବଂ ଚାରିଚକିଆ ଗାଡ଼ିର କାଗଜପତ୍ର ସମେତ ହେଲମେଟ, ଡ୍ରାଇଭିଙ୍ଗ ଲାଇସେନ୍ସ, ଇନସ୍ୟୁରାନ୍ସ ସମେତ ବିଭିନ୍ନ ପ୍ରକାର ଯାଞ୍ଚ କରିଥିଲେ। ଏହି ସମୟରେ ୩୭ ଜଣଙ୍କ ନିକଟରୁ ୨ ଲକ୍ଷ ୧୬ହଜାର ୩ ଶହ ଟଙ୍କା ଫାଇନ ଆଦାୟ କରାଯାଇଥିଲା। ଏହି ଯାଞ୍ଚରେ କନେଷ୍ଟବଳ ତପନ କୁମାର ସିଂ, ମମତା ସେଠୀ, ଝରଣା ବଳଙ୍କ ସମେତ ସୋର ଥାନାରେ ନିୟୋଜିତ ଏପିଆର ପୁଲିସ କର୍ମଚାରୀ ସାମିଲ ହୋଇଥିଲେ।

## ମା' ବନ୍ଧନାୟିକାଣିଙ୍କ ପୀଠରେ ବାର୍ଷିକ ଉତ୍ସବ

ନୀଳଗିରି,୨୭।୩(ସମିସ): ନୀଳଗିରି ବ୍ଲକ୍ ଜଡିଦା ପଞ୍ଚାୟତ ଯୋକନଣ୍ଡା ଗ୍ରାମର ଆରାଧ୍ୟଦେବୀ ମା' ବନ୍ଧନାୟିକାଣିଙ୍କ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ସକାଳେ ପୂଜାରି ମାୟାଧର ଦନାକଙ୍କ ଦ୍ୱାରା ମା'ଙ୍କର ମାର୍ଜଣା କରାଯିବା



ପରେ ବହୁ ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କ ସମାଗମରେ ନିକଟସ୍ଥ ପୋଖରୀରୁ ଘଟ ଉତ୍ତୋଳନ କରାଯାଇଥିଲା। କାର୍ତ୍ତିକ କର ପୂଜକଭାବେ ମା'ଙ୍କ ପୂଜା ସମ୍ପାଦନ କରିଥିବାବେଳେ ଗଙ୍ଗାଧର ପ୍ରଧାନ ଏବଂ ତାଙ୍କ ସହଧର୍ମିଣୀ ବାସନ୍ତୀ ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପରେ ସମସ୍ତ ନୀତିକାନ୍ତି ସହକାରେ ପୂଜାବିଧି ଅନୁଷ୍ଠିତ ହୋଇଥିଲା। ମୁଖ୍ୟତଃ ପ୍ରତିବର୍ଷ ଭଲବର୍ଷା ନେଇ ଗ୍ରାମଦେବୀଙ୍କ ପୀଠରେ ଏଭଳି ପର୍ବପାଳନ କରାଯାଉଥିବା ବହୁ ପୁରୁଖା ଗ୍ରାମବାସୀ କହିଛନ୍ତି। ତେବେ ଏହି ଉପଲକ୍ଷେ ମଧ୍ୟାହ୍ନରେ ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କ ପୀଠରେ ଉପସ୍ଥିତ ହୋଇ ପ୍ରସାଦସେବନ କରିଥିଲେ। ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିବା ବେଳେ ସୁରେନ୍ଦ୍ର ଭୋଳ, ରାଜକୁମାର ଭୋଳ, ଲକ୍ଷ୍ମୀଧର ପ୍ରଧାନ, ହିମାଂଶୁ ଜେନା, ଦୁଃଖିଆ ବାରିକ, ପଞ୍ଚାନନ ସ୍ୱାଇଁ, ସଞ୍ଜୟ ଭୋଳ, ପ୍ରଫୁଲ୍ଲ ବେହେରା, ଶରତ ଚନ୍ଦ୍ର ବେହେରା, ବ୍ରହ୍ମାନନ୍ଦ ଜେନା, ଦିଲ୍ଲୀପ ଭୂୟାଁ, ଲକ୍ଷ୍ମୀଧର ଜେନା, ଗିରିଧାରୀ ପ୍ରଧାନ, ଗୌରାଙ୍ଗ ପୃଷ୍ଟି, ରବୀନ୍ଦ୍ର ପୃଷ୍ଟି, ପ୍ରଦୀପ ବେହେରା, ଶ୍ରୀକାନ୍ତ ଭୂୟାଁ, ନରେନ୍ଦ୍ର ଭୂୟାଁ, ଗୟାଧର ଭୂୟାଁ, ନିରଞ୍ଜନ ପୃଷ୍ଟି, ମକରନ୍ଦ ବେହେରା, ରମାକାନ୍ତ ପୃଷ୍ଟି, ବାବୁଲା ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଇତିହାସ ବିଭାଗ ପକ୍ଷରୁ ଆଲୋଚନାଚକ୍ର

ଜଳେଶ୍ୱର,୨୭।୩(ସମିସ): ଜଳେଶ୍ୱର ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ଇତିହାସ ବିଭାଗ ଦ୍ୱାରା ଓଡ଼ିଶାର ମନ୍ଦିର ସ୍ଥାପତ୍ୟର




କ୍ରମବିକାଶ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଦୀନକୃଷ୍ଣ ମହାବିଦ୍ୟାଳୟ ଇତିହାସ ବିଭାଗର ଅଧ୍ୟାପକ ଡ଼. ମାନସ କୁମାର ଦାସ, ସମ୍ମାନିତ ଅତିଥି ତଥା ସଂଯୋଜକ ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ବିଜେଶ କୁମାର ସେନାପତି ଯୋଗ ଦେଇଥିଲେ। ଅତିଥି ପରିଚୟ ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ବିଜେଶ କୁମାର ସେନାପତି ସମ୍ପାଦନା କରିଥିବା ବେଳେ ଦୁର୍ଗାମଣି ମୁର୍ମୁ, ଗୋଲାପି ହେମ୍ବ୍ରମ, ଜାନକୀ ଜେନା, ମିଳନ ଦାସ ଆଦି ସନ୍ଦର୍ଭ ପଠନ କରିଥିଲେ। ଏହି ଆଲୋଚନାଚକ୍ରରେ ବିଭାଗର ସମସ୍ତ ଛାତ୍ରଛାତ୍ରୀଙ୍କ ସହିତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ସମସ୍ତ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ। ପରିଶେଷରେ ଛାତ୍ରୀ ଜାନକୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## କୁଳପତି ସମେତ ବହୁ ଅଧ୍ୟାପକ, ପ୍ରଫେସର ପଦବୀ ଖାଲି

ବାଲେଶ୍ୱର,୨୭।୩(ସମିସ): ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟରେ କୁଳପତି ସମେତ ଖାଲି ପଡ଼ିଥିବା ଅଧ୍ୟାପକ, ପ୍ରଫେସର ଓ ଶିକ୍ଷା କର୍ମଚାରୀ ପଦବୀ ତୁରନ୍ତ ପୂରଣ କରିବା ଦାବିରେ ସାରା ଓଡ଼ିଶା ଦାବି ଦିବସ ପାଳନ ଅବସରରେ ଏଆଇଡିଏସ୍‌ଓ ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଫକୀରମୋହନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କୁ ସାକ୍ଷାତ କରି ତାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ରାଜ୍ୟର ଅଧିକାଂଶ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ ଏକ ପ୍ରକାର ନିଷ୍କ୍ରିୟ ଅବସ୍ଥା ଦେଇ ଗତି କରୁଛି। ବିଧାନସଭା ଅଧିବେଶନରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କହିବାନୁଯାୟୀ ରାଜ୍ୟର ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ମଞ୍ଜୁରୀ ପ୍ରାପ୍ତ ୨୦୭୯ ଅଧ୍ୟାପକ ପଦବୀରୁ ୧୪୩୪ ପଦ ଖାଲି ପଡିଛି। ସେହିପରି




୨୯୪୦ ମଞ୍ଜୁରୀପ୍ରାପ୍ତ ଶିକ୍ଷା କର୍ମଚାରୀ ରହିବା ସ୍ଥାନରେ ୨୧୭୧ ପଦବୀ ଖାଲି ପଡିଛି। ଅଧିକାଂଶ ସ୍ଥାନରେ କୁଳପତି ପଦବୀ ଫାଙ୍କା ପଡିଛି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ତେଣୁ ରାଜ୍ୟର ଯେଉଁସବୁ ସରକାରୀ ବିଶ୍ୱବିଦ୍ୟାଳୟରେ କୁଳପତି ପଦବୀ ଖାଲି ଅଛି, ସେଠାରେ ତୁରନ୍ତ ଯୋଗ୍ୟ କୁଳପତି ନିଯୁକ୍ତି ପ୍ରଦାନ କରିବା, ଖାଲି ପଡ଼ିଥିବା ସମସ୍ତ ଅଧ୍ୟାପକ ଓ ପ୍ରଫେସର ପଦବୀଗୁଡିକୁ ଅବିଳମ୍ବେ ପୂରଣ କରିବା, ବିଶ୍ୱବିଦ୍ୟାଳୟଗୁଡ଼ିକର

### ପଦ ପୂରଣ ନେଇ ଏଆଇଡିଏସ୍‌ଓ ଜିଲ୍ଲା କମିଟିର ଦାବି

ସୁପରିଚାଳନା ପାଇଁ ଖାଲି ପଡିଥିବା ସମସ୍ତ ଶିକ୍ଷା କର୍ମଚାରୀ ପଦବୀରେ ତୁରନ୍ତ ନିଯୁକ୍ତି ପ୍ରଦାନ କରିବା ପାଇଁ ଏଆଇଡିଏସ୍‌ଓ ପକ୍ଷରୁ ସରକାରଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ଏଆଇଡିଏସ୍‌ଓ ଜିଲ୍ଲା ସମ୍ପାଦକ ପ୍ରଶାନ୍ତ କୁମାର ଦାସଙ୍କ ସମେତ ଜିଲ୍ଲା କମିଟି ଉପସଭାପତି ମନୋଜ ପାତ୍ର, ଜିଲ୍ଲା କମିଟି ସଭ୍ୟ ମୃତ୍ୟୁଞ୍ଜୟ ସେନାପତି, ଦୀନବନ୍ଧୁ ପ୍ରଧାନ ସମେତ ପ୍ରମୁଖ ଉପସ୍ଥିତ ଥିଲେ।

## 'ନିଷ୍କାମ କର୍ମ- ଗୀତା ଦ୍ୱାରା ଦର୍ଶିତ ଆତ୍ମଜ୍ଞାନର ପଥ' ଆଲୋଚନାଚକ୍ର



ବାଲେଶ୍ୱର,୨୭।୩(ସମିସ): 'ନିଷ୍କାମ କର୍ମ- ଗୀତା ଦ୍ୱାରା ଦର୍ଶିତ ଆତ୍ମଜ୍ଞାନର ପଥ' ଶୀର୍ଷକରେ ଏକ ଆଲୋଚନାଚକ୍ର ବରୁଣ ସିଂ ଶ୍ରୀ ଜଗନ୍ନାଥ ଏଜୁକେଶନାଲ ଫାଉଣ୍ଡେସନ ମହାବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗ ପକ୍ଷରୁ ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ନିରଞ୍ଜନ ବେହେରା ସଂରକ୍ଷକ ଭାବେ ଉପସ୍ଥିତ ଥିଲେ। ପ୍ରତିଷ୍ଠାତା ମାର୍କଣ୍ଡ ସେଠୀ ମୁଖ୍ୟ ଅତିଥି, କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗ ଅଧ୍ୟକ୍ଷା ଡ଼ା. ରେଣୁବାଳା ସୁନ୍ଦରାୟ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଗୀତାର ଶିକ୍ଷା ଅନୁଯାୟୀ, ନିଷ୍କାମ କର୍ମ ହେଉଛି ସେହି ପଥ ଯାହା ଦ୍ୱାରା ମଣିଷ ଆତ୍ମଜ୍ଞାନ ଓ ମୋକ୍ଷ ପାଇପାରେ ବୋଲି ଆଲୋକପାତ କରିଥିଲେ। ଦର୍ଶନଶାସ୍ତ୍ର ବିଭାଗର ଅଧ୍ୟାପିକା ରଶ୍ମି ପ୍ରଭା ବାରିକ କାର୍ଯ୍ୟକ୍ରମର ସଂଯୋଜକ ଥିଲେ ଏବଂ ସୁଚରିତା ଶିଆଳ ସହ-ସଂଯୋଜକ କାର୍ଯ୍ୟକ୍ରମକୁ ଆୟୋଜିତ କରିଥିଲେ। ଇଂରାଜୀ ବିଭାଗ ଅଧ୍ୟାପକ ଡ଼. ଶଶୀକାନ୍ତ ମହାନ୍ତି ଅତିଥିଙ୍କ ପରିଚୟ ଦେଇଥିଲେ। ଏହା ସହିତ ମହାବିଦ୍ୟାଳୟର ଅଧ୍ୟାପକ ଏବଂ ଅଧ୍ୟାପିକା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ସୌଦାମିନୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଏନ୍‌ଏସ୍‌ଏସ୍ ୟୁନିଟ ଦ୍ୱାରା ମେଗା ସ୍ୱାସ୍ଥ୍ୟଶିବିର

ସୋର,୨୭।୩(ସମିସ): ସୋର ବ୍ଲକ ମଙ୍ଗଳପୁରସ୍ଥିତ ଶ୍ରୀନିବାସ ଉଚ୍ଚ ମଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ରୌଦ୍ରତାପ ବଢୁଥିବାରୁ ମଙ୍ଗଳପୁରରେ ଜଳଛତ୍ର ଓ



ଅଂଶୁଘାତ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିର ଗୁଡିକୁ ବିଦ୍ୟାଳୟର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ଅସ୍ଥିଶଲ୍ୟ ବିଭାଗ ଡାକ୍ତର ପଙ୍କଜ କୁମାର ଦାସ, ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ନୀତିଶ କୁମାର ଦତ୍ତ, ଭେଷଜ ବିଭାଗର ଡାକ୍ତର ଶୁଭଜିତ ବିନ୍ଧାଣୀ, ଦନ୍ତ ବିଭାଗର ଡାକ୍ତର ବିନିତା ପ୍ରଧାନ ସ୍ଥାନୀୟ ରୋଗୀ ମାନଙ୍କୁ ଚିକିତ୍ସା କରିଥିଲେ। ରୋଟାରୀ କ୍ଲବ ବାଲେଶ୍ୱର ଚକ୍ଷୁ ବିଭାଗର ରମେଶ ଚନ୍ଦ୍ର ବାରିକ, ଧନଞ୍ଜୟ ବାରିକ, ସୁଦେଷ୍ଣା ଦାସ, ରିତୁସ୍ମିତା ସାହୁ ସ୍ଥାନୀୟ ଲୋକଙ୍କ ଚକ୍ଷୁ ପରୀକ୍ଷା କରି ଔଷଧ ବଣ୍ଟନ ସହିତ ଲେନ୍ସ ଲଗାଇ ଅସ୍ତ୍ରୋପଚାର କରାଇଥିଲେ। ଶିବିର ପରିଚାଳନା କରିଥିଲେ ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ ଅଫିସର ସୁଜିତ କୁମାର ଗୋଛାୟତ, ଅଧ୍ୟାପକ ଡକ୍ଟର ପୁଣ୍ୟବ୍ରତ ମହାନ୍ତି, ଡ଼କ୍ଟର ପଙ୍କଜ କୁମାର ଜେନା, ଅଜୟ କୁମାର ବାରିକ, ସତ୍ୟନରାୟଣ ସାହୁ, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ସୁଶାନ୍ତ କୁମାର ରାଉଳ, ସଞ୍ଜୟ କୁମାର ଦାସ, ରବି ନାରାୟଣ ମଲ୍ଲିକ, ପ୍ରଶାନ୍ତ କୁମାର ପଣ୍ଡା , ଅଧ୍ୟାପିକା ପୁଷ୍ପଲତା ପାଢ଼ୀ, ଡ଼କ୍ଟର ରଞ୍ଜିତା ବାଳା ମହାପାତ୍ର, ସନ୍ଧ୍ୟାରାଣୀ ଜେନା ପ୍ରମୁଖ। ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀ ସକ୍ରିୟ ସହଯୋଗ କରିଥିଲେ।

## ମିରିପୁର ଖଇରାଠାରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଖଇରା,୨୭।୩(ସମିସ): ମା' ଜାଗୁଳାଇ ଓ ଯୁବଶକ୍ତି କ୍ଲବର ମିଳିତ ଆନୁକୁଲ୍ୟରେ ଆଜି ଖଇରା ବ୍ଲକ କୁରୁଣ୍ଡା ପଂଚାୟତ ମିରିପୁର ଖଇରା ପଡିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ୧୦ ଓଭର ବିଶିଷ୍ଟ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଡୁଙ୍ଗୁରା ଏକାଦଶ ସହିତ ଗଗନଧୂଳି ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଡୁଙ୍ଗୁରା ଏକାଦଶ ବିଜୟୀ ଲାଭ କରିଥିଲା। ଦ୍ୱିତୀୟ ମ୍ୟାଚ ଶବଙ୍ଗ ସହିତ ଔପଦା ମଧ୍ୟ ରେ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଔପଦା ବିଜୟୀ ଲାଭ କରିଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୁବ ସମାଜସେବୀ ଲମ୍ବୋଧର ବେହେରା, ଅନ୍ୟତମ ଅତିଥି ଭାବେ ରବୀନ୍ଦ୍ର



ବେହେରା ଓ ପ୍ରକାଶ ବେହେରା ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ମ୍ୟାଚ ରେଫେରି ଭାବେ ସରୋଜ ଜେନା ଓ ହେମନ୍ତ ସାହୁ ପରିଚାଳନା କରିଥିଲେ। ସ୍କୋରର ଭାବେ ଅଭିଲାଷ ବାରିକ, ଭାଷ୍ୟକାର ଭାବେ ମନୋରଞ୍ଜନ ଜେନା ଓ ଅକ୍ଷୟ ବାରିକ ସହଯୋଗ କରିଥିଲେ। ଏଥିରେ କମିଟି ରବୀନ୍ଦ୍ର ବାରିକ, ଜଗବନ୍ଧୁ ନାୟକ, ଜଗତ ବାରିକ, ହାଡ଼ିବନ୍ଧୁ ନାୟକ, ପର୍ଶୁରାମ ଲେଙ୍କା, କମଳା କାନ୍ତ ସେଠିଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ। ଆସନ୍ତା ରବିବାର ଫାଇନାଲ୍ ଦିବସ ଅନୁଷ୍ଠିତ ହେବ।

## ସାଇ ଆଦର୍ଶ ଗ୍ଲୋବାଲ ବିଦ୍ୟାଳୟ ଉଦ୍‌ଘାଟିତ




ଜଳେଶ୍ୱର,୨୭।୩(ସମିସ): ଓଡ଼ିଶାର ଉପାନ୍ତ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଉନ୍ନତି ନିମନ୍ତେ ସୀମାନ୍ତ ଅଞ୍ଚଳ ଜଳେଶ୍ୱର ବ୍ଲକ ଗୋବରଘଟା ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମଣନାଥ ରୋଡ଼ ହାଟପଦାଠାରେ ସାଇ ଆଦର୍ଶ ଗ୍ଲୋବାଲ ସ୍କୁଲ ନାମକ ଏକ ଇଂରାଜୀ ମାଧ୍ୟମ ନୂତନ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଛି। ଉଦଘାଟକ ଭାବେ ରାସଗୋବିନ୍ଦପୁରର ପୂର୍ବତନ ଶିକ୍ଷା ଅଧିକାରିଣୀ ତଥା ଶିକ୍ଷୟିତ୍ରୀ କନକମଞ୍ଜରୀ ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରାଣକୃଷ୍ଣ ଗିରି, ମନୋଜ କୁମାର ମହାନ୍ତି, ଲକ୍ଷ୍ମଣନାଥ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ କୁମାର ଜେନା ଉପସ୍ଥିତ ରହି ଶିକ୍ଷାର ବିକାଶ ଯେଉଁ ଅଞ୍ଚଳରେ ଯେତେ ବୃଦ୍ଧି ପାଏ ସେ ଅଞ୍ଚଳର ସଭ୍ୟତା ସେତେ ବିକଶିତ ହୋଇଥାଏ ବୋଲି ମତ ପ୍ରକାଶ ପାଇଥିଲା। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ ଦିଗାମ୍ବର ରାଉଳ, ଗୋଲକ ବିହାରୀ ଗିରି, ଯୁବ ସମାଜସେବୀ ବିଶ୍ୱଜିତ ପାଲ,ଗତିକୃଷ୍ଣ ଦଳାଇ, ଗଣେଷ ସିଂ ସହିତ ବିଦ୍ୟାଳୟ ପରିଚାଳନା ମୁଖ୍ୟ ଶଙ୍କର ପାଲ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ, ଗ୍ରାମବାସୀ, କମିଟିର ସଦସ୍ୟ/ସଦସ୍ୟାମାନେ ଉପସ୍ଥିତ ଥିଲେ।

## ଟିପିଏନ୍‌ଓଡିଏଲ୍‌ର ସର୍ବୋଚ୍ଚ ଯନ୍ତ୍ରୀ ହେଲେ ବ୍ରଜସୁନ୍ଦର

ଜଳେଶ୍ୱର,୨୭।୩(ସମିସ): ଟିପିଏନ୍‌ଓଡିଏଲ୍‌ର ଇଂଜିନିୟର ଇନ୍ ଚିଫ ବା ସର୍ବୋଚ୍ଚ ଯନ୍ତ୍ରୀ ଭାବରେ ୨୫ ତାରିଖରେ ସରକାରଙ୍କ ଉଚ୍ଚ ମନୋନୟନ କମିଟି ଦ୍ୱାରା ମନୋନୀତ ହୋଇଛନ୍ତି ଇ. ବ୍ରଜସୁନ୍ଦର ପରିଡ଼ା। ବ୍ରଜସୁନ୍ଦର ଆଦର୍ଶ ଶିକ୍ଷକ ସ୍ୱର୍ଗତ କାଳୀକିଙ୍କର ପରିଡ଼ାଙ୍କ ପୁଅ। ସେ ଜଳେଶ୍ୱର ବ୍ଲକ ସୁଗୋ ମାଟିର ପୁଅ ଭାବେ ସମସ୍ତ ପାଇଁ ଉଦାହରଣ ପାଲଟିଛନ୍ତି। ଏହି ଖବର ପ୍ରଚାର ପରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ବାଲେଶ୍ୱର ଜିଲ୍ଲା ଖାଉଟି ଅଦାଲତର ପୂର୍ବତନ ସଭାପତି ସୁକୁମାର ରଣା, ପୂର୍ବତନ ସଭ୍ୟା ଆରତୀ ଦାସ, ସୁଗୋ ସରପଞ୍ଚ ଜୟନ୍ତୀ ପରିଡ଼ା, ନାମ୍ପୋ ସରପଞ୍ଚ ଲୋପାମୁଦ୍ରା ରାଉଳ, ସମିତିସଭ୍ୟା ସସ୍ମିତା ପରିଡ଼ା ପ୍ରମୁଖ ବହୁ ବୁଦ୍ଧିଜୀବୀ ଓ ଗ୍ରାମବାସୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସୌନ୍ଦର୍ଯ୍ୟକରଣ ପାଇଁ ଲାଗୁଛି ଗଛ, ଦିଆଯାଉନି ପାଣି

# ଜଳିଗଲାଣି ଡିଭାଇଡରରେ ଲାଗିଥିବା ନେରିୟମ, ପାମ୍ ଗଛ

ବାଲେଶ୍ୱର,୨୭।୩(ସମିସ)

ଗ୍ରୀଷ୍ମ ଆରମ୍ଭରୁ ଚାରିଆଡ଼େ ପାନୀୟଜଳ ସଂକଟ ଦେଖାଦେଲାଣି। ପାଣି ପାଇଁ ଲୋକେ ନାହିଁ ନଥିବା ହୀନସ୍ତା ହେଉଛନ୍ତି। ଏଥିରୁ ବାଦ୍ ପଡ଼ିନାହିଁ ଗଛ। ଗଛରେ ବି ପାଣି ଦେବାକୁ ସମସ୍ୟା ଦେଖାଦେଲାଣି। ପୌରପାଳିକା ପକ୍ଷରୁ ଗଛଗୁଡ଼ିକରେ ପାଣି ଦେବାରେ ସମସ୍ୟା ହେଉଥିବାବେଳେ ନିୟମିତ ପାଣି ନମିଳିବାରୁ ବିଭିନ୍ନ ସ୍ଥାନରେ ଗଛଗୁଡ଼ିକ ଶୁଖିଗଲାଣି। ଯେଉଁ ଜାଗାରେ ଦିନେ ଶହ ଶହ ଗଛ ଲାଗିଥିଲା ସେଠାରେ ଏବେ୍ କାଁ ଭାଁ କେତୋଟି ଗଛ ବଞ୍ଚିଛି। ବିଗତ ବର୍ଷରେ ଅନେକ ଗଛ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ମଧ୍ୟ ଲଗାଯାଇଥିଲା। ଏହାବ୍ୟତୀତ ପୌରପାଳିକା ମଧ୍ୟ ଚାରା ରୋପଣ କରିଛି। ହେଲେ ପାଣି ଅଭାବରୁ ପ୍ରତିବର୍ଷ ଗଛ ସବୁ ମରିବାରେ ଲାଗିଛି। ବିଶେଷକରି କିଛିବର୍ଷ ତଳେ ସହରର ଆଇଟିଆଇ ଛକରୁ ତାମୁଲିଆ ବ୍ରିଜ୍ ପର୍ଯ୍ୟନ୍ତ ଡିଭାଇଡରରେ ନେରିୟମ ଗଛ ଲାଗିଥିଲା। ଆଇଟିଆଇ ଛକରୁ ଡିଆଇଏସି ଛକ ମଧ୍ୟ ଡିଭାଇଡରେ ପାମ୍ ଗଛ ମଧ୍ୟ ଲଗାଯାଇଥିଲା। ହେଲେ ଏବେ ସେହି ଡିଭାଇଡର ଗୁଡ଼ିକ ଲଣ୍ଡା ଦିଶିଲାଣି। ଗଛ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ବଞ୍ଚୁନାହିଁ। ଅଧିକାଂଶ ଗଛ ସେଠାରେ ନାହିଁ। ଯାହା କିଛି ବଞ୍ଚିଥିଲା ପାଣି ଅଭାବରୁ ଜଳିଗଲାଣି।

ସୂଚନାଯୋଗ୍ୟ, ଆଇଟିଆଇ ଛକଠୁ ଆରମ୍ଭ କରି ଡିଆଇଏସି ଛକ, ପୋଲିସ ଲାଇନ୍ ଛକ, ଷ୍ଟେସନ ଛକ, ଫକୀରମୋହନ ଗୋଲେଇ, ଚିଡିଆ ପୋଲ, ହସପିଟାଲ ରୋଡ୍ ଆଦି ଡିଭାଇଡର୍‌ରେ ଲଗାଯାଇଥିବା ଶହ ଶହ ଗଛ ସବୁ ମରିଗଲାଣି। ଯତ୍ନ ଓ ପାଣି ଅଭାବରୁ ଯେତେ ଗଛ ଲଗାଗଲେ ବି କିଛି ବଞ୍ଚୁନାହିଁ। ବାରମ୍ବାର ଗଛ ମରିଯାଉଛି ତ ପୁଣି କିଛି ଗଛ ଲଗାଇ ଦେଉଛନ୍ତି। ହେଲେ



ଗଛ ମରିବାର କାରଣ ଖୋଜାଯାଉନି କି ସମାଧାନ ହେଉନାହିଁ। ଯାହାକୁ ନେଇ ସଚେତନ ନାଗରିକ କ୍ଷୋଭ ପ୍ରକାଶ କରିଛନ୍ତି। ସାଧାରଣତଃ ଡିଭାଇଡରରେ ଗଛ ସୌନ୍ଦର୍ଯ୍ୟକରଣ ସହ ପ୍ରଦୂଷଣ କମାଇଥାଏ। ଏହି ଗଛଗୁଡ଼ିକ ରାତିରେ ସାମ୍ନା ଗାଡ଼ିର ଆଲୋକରୁ ରକ୍ଷା କରି ଦୁର୍ଘଟଣା କମାଇବାରେ ସାହାଯ୍ୟ କରେ। ତେବେ ଡିଭାଇଡର ପାଇଁ କମ ଉଚ୍ଚତା ବିଶିଷ୍ଟ, କମ୍ ପାଣି ଆବଶ୍ୟକ କରୁଥିବା ଏବଂ ମଝିରେ ଘନ ହେଉଥିବା ଗଛ (ନେରିୟମ ବା କନିଅର, ବୋଗେନଭିଲିଆ, ମହୁଲ) ଚୟନ କରାଯାଏ। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସହରର ବିଭିନ୍ନ ସମୟରେ ବିଭିନ୍ନ ଡିଭାଇଡର୍‌ରେ ଭିନ୍ନ ଭିନ୍ନ ଗଛ ରୋପଣ କରାଯାଇଛି। କିଛଦିନ ଗଛ ଗୁଡିକ ଠିକ୍ ଥିବା ବେଳେ କିଛି ବର୍ଷ ପରେ ଗଛଗୁଡ଼ିକ ମରିଯାଇଥିବା ମଧ୍ୟ ଦେଖିବାକୁ ମିଳିଛି। କିଛି ବର୍ଷ ତଳେ ରୋଡ଼ ଡିଭାଇଡରକୁ ସବୁଜିମା କରିବା ଏବଂ

- ଲଣ୍ଡା ଦିଶିଲାଣି ସହରର ବିଭିନ୍ନ ଡିଭାଇଡର୍ ପରିସର
- ସୌନ୍ଦର୍ଯ୍ୟକରଣ ଶୂନ, ଗଛ ଲଗାଇବାରେ ଖର୍ଚ୍ଚ ଲକ୍ଷାଧିକ

ଉଭୟ ପାଶ୍ୱର୍ରେ ଲାଇଟ୍ ପାସ ନକରିବା ଉଦ୍ଦେଶ୍ୟରେ ଆଇ.ଟି.ଆଇ. ଛକ ନିକଟସ୍ଥ ରୋଡ଼ ଡିଭାଇଡରରେ ପ୍ରାୟ ୬୦ ଟି ନେରିୟମ ଗଛ ଲଗାଯାଇଥିଲା। ହେଲେ ଯତ୍ନ ଓ ପାଣି ଅଭାବରୁ ସେସବୁ ଗଛ ମଧ୍ୟରୁ ଅଳ୍ପ କିଛି ଗଛ ବଞ୍ଚିଛି। ନହେଲେ ବାକିତକ ଗଛ କିଛି ନାହିଁ। ନେରିୟମ, ଯାହାକୁ ଓଡ଼ିଆରେ ସାଧାରଣତଃ କନିଅର ବୋଲି କୁହାଯାଏ। ଏହା ଏକ ସୁନ୍ଦର ଫୁଲ ଗଛ। ଏହା ବହୁତ କମ୍ ଯତ୍ନରେ ବଞ୍ଚିପାରେ ଏବଂ ରାସ୍ତା କଡ଼ରେ କିମ୍ବା ଡିଭାଇଡରରେ ବଢ଼ିଥାଏ। ଏହି ଗଛରେ ଲାଲ, ଗୋଲାପୀ ଓ ଧଳା ରଙ୍ଗର ଫୁଲ ଫୁଟିଥାଏ। ହେଲେ ବହୁତ କମ୍ ଯତ୍ନରେ ବଞ୍ଚିପାରୁଥିବା ଗଛ ବି ବାଲେଶ୍ୱର ସହରରେ ବଞ୍ଚିପାରୁନାହିଁ। ସେହିପରି ବାଲେଶ୍ୱର ପୌରପାଳିକା ପକ୍ଷରୁ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ସହରରେ ତିନି ହଜାର ବୃକ୍ଷରୋପଣ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୬୪ ହଜାର ଟଙ୍କା ବ୍ୟୟରେ ସହରର ବିଭିନ୍ନ ରାସ୍ତା ଯଥା ଓଟି ରୋଡ୍, ବିବେକାନନ୍ଦ ମାର୍ଗ, ହସପିଟାଲ ରୋଡ୍, ପୋଲିସ ଲାଇନ ଛକ, ତାମୁଲିଆ ଆଦି ରାସ୍ତାର ଡିଭାଇଡର୍‌ରେ ଗଛ ଲଗାଯାଇଛି। ଏହି ଗଛଗୁଡ଼ିକର ଯତ୍ନ ପାଇଁ ୪ ଟି ଏସ୍‌ଏଚଜି ଗ୍ରୁପ୍ କୁ ଦାୟିତ୍ୱ ଦିଆଯାଇଛି ଓ ଏମାନେ ୨ ବର୍ଷ ପାଇଁ ଗଛର ଦାୟିତ୍ୱ ନେବା କଥା। ପ୍ରତି ଗ୍ରୁପ୍ ପାଇଁ ୫ଲକ୍ଷ ଟଙ୍କା ବଜେଟ୍ ରହିଥିବା ଜଣାପଡିଛି। ସେମାନଙ୍କୁ ଦାୟିତ୍ୱ ତ ଦିଆଯାଇଛି ହେଲେ ଟଙ୍କା ଦିଆଯାଇନି। ଫଳରେ ଗଛ ଗୁଡିକର ଯତ୍ନ କେହି ନେଉନାହାନ୍ତି।

ଏବାବଦରେ ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ କହିଛନ୍ତି, ଯେଉଁ ଗଛ ମରିଯାଇଥିଲା ତାହା ପ୍ରତିବଦଳରେ ନୂଆ ଗଛ ଲଗାଯାଇଛି। ବର୍ତ୍ତମାନ ଗଛରେ ପାଣି ଦେବାର ମଧ୍ୟ ବ୍ୟବସ୍ଥା ହେଉଛି। ପାଣି ମଧ୍ୟ ମଝିରେ ମଝିରେ ଦିଆଯାଉଛି। ଏବେ ଖରା ଦିନ ଆସିଲାଣି ତେଣୁ ନିୟମିତ ପାଣି ଦିଆଯିବ। ପାଣି ନଦେଲେ ସବୁ ଗଛ ମରିଯିବ। ଏହାବ୍ୟତୀତ ଯେଉଁ ଗଛ ଗୁଡିକର ଦାୟିତ୍ୱ ଏସ୍‌ଏଚ୍‌ଜି ଗ୍ରୁପ୍‌ଙ୍କୁ ଦିଆଯାଇଛି ସେମାନେ ବି କେଉଁଠୁ ପାଣି ଆଣିବେ। ତେଣୁ ସେମାନଙ୍କୁ ପୌରପାଳିକା ପାଣି ଯୋଗାଇବ। ଆମେ ପିଏଚଡି ବିଭାଗକୁ ପାଣି ଯୋଗାଇବା ପାଇଁ ଲେଖିକି ଦେବୁ। ସେଥିପାଇଁ ମଧ୍ୟ ସମୟ ଲାଗିବ। ସଙ୍ଗେ ସଙ୍ଗେ ତ ହେବ ନାହିଁ। ଏହି ସମସ୍ତ ଗଛ ରାଜଧାନୀ ତଥା ଅନ୍ୟ ଜିଲ୍ଲାର ଡିଭାଇଡ୍‌ରେ ସୁନ୍ଦର ଭାବେ ବଞ୍ଚିଥିବା ବେଳେ ବାଲେଶ୍ୱର ସହରରେ କାହିଁକି ଏ ପ୍ରତି ଧ୍ୟାନ ଦିଆଯାଉନି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାଣି, ମାଟି ଆଉ ଖତ ଠିକ୍ ଭାବେ ମିଳିଲେ ଗଛ ବଞ୍ଚିବା ସହ ସହରରେ ସୌନ୍ଦର୍ଯ୍ୟକରଣ ସୃଷ୍ଟି ହେବ ବୋଲି ସହରବାସୀ ଆଶାପ୍ରକାଶ କରିଛନ୍ତି।

